୬

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

● ବର୍ଷ–୩୨ ● ସଂଖ୍ୟା–୧୦୪ ● ୧୩ ମଇ ୨୦୨୫, ମଙ୍ଗଳବାର ● ଭୁବନେଶ୍ୱର ● Vol -32 ● Issue-104 ● 13th May 2025, Tuesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


## ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କଲେ ବିରାଟ



### ଦେଶବାସୀଙ୍କୁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସମ୍ବୋଧନ

# ସେନା ବାହିନୀ ଓ ବୈଜ୍ଞାନିକଙ୍କୁ ଜଣାଇଲେ ଅଭିନନ୍ଦନ



ନୂଆଦିଲ୍ଲୀ, ୧୨/୫

'ଅପରେସନ୍ ସିନ୍ଦୂର' ପରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି। ଏହି ଅବସରରେ ମୋଦୀ ଅପରେସନ ସିନ୍ଦୂରର ସଫଳତା ପାଇଁ ସେନା ବାହିନୀ ଓ ବୈଜ୍ଞାନିକଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପହଲଗାମ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣଙ୍କ ପ୍ରାଣହାନୀ ତାଙ୍କ ପାଇଁ ବହୁତ ବଡ଼ ପୀଡ଼ା ଥିଲା ବୋଲି କହିଥିଲେ ପ୍ରଧାନମନ୍ତ୍ରୀ ମୋଦୀ। ଅପରେସନ ସିନ୍ଦୂର ଦେଶବାସୀଙ୍କ ଭାବନାର ପ୍ରତୀକ ବୋଲି କହିଲେ ପ୍ରଧାନମନ୍ତ୍ରୀ। ସମଗ୍ର ଅଭିଯାନ ସମୟରେ ପ୍ରତିରକ୍ଷା ମନ୍ତ୍ରଣାଳୟ ଏବଂ ସରକାରୀ ପ୍ରତିନିଧିମାନେ ଆତଙ୍କବାଦ ବିରୋଧରେ ଲଢ଼ିବା ଉପରେ ସେମାନଙ୍କର ଧ୍ୟାନରେ ସ୍ଥିର ରହିଥିଲେ। ଯାହା ଭାରତକୁ ଗୁରୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ସମର୍ଥନ ଆଣିଥିଲା। ଭାରତର ସାମରିକ କାର୍ଯ୍ୟାନୁଷ୍ଠାନ କେବଳ ଆତଙ୍କବାଦୀ ସଂଗଠନ କିମ୍ବା ପାକିସ୍ତାନୀ ସାମରିକ ପ୍ରତିଷ୍ଠାନକୁ ଟାର୍ଗେଟ କରିଥିଲା, ବାରମ୍ବାର ଉତ୍ତେଜନା ସତ୍ତ୍ୱେ ପାକିସ୍ତାନୀ ନାଗରିକଙ୍କ ଉପରେ କୌଣସି ଆକ୍ରମଣକୁ ଏଡ଼ାଇ ଦିଆଯାଇଥିଲା। ସୂଚନାଯୋଗ୍ୟ ଯେ, ଏପ୍ରିଲ ୨୨ରେ ପହଲଗାମରେ ଯେତେବେଳେ ଆତଙ୍କବାଦୀ ଆକ୍ରମଣ ହୋଇଥିଲା, ସେତେବେଳେ ପ୍ରଧାନମନ୍ତ୍ରୀ ମୋଦୀ ସାଉଦି ଆରବ ଗସ୍ତରେ ଥିଲେ। ସେ ତାଙ୍କର ଗସ୍ତ ମଝିରେ ଛାଡି ସ୍ୱଦେଶକୁ ଫେରି ଆସିଲେ। ସେବେଠାରୁ, ଆତଙ୍କବାଦୀ ଆକ୍ରମଣର ମୁକାବିଲା ପାଇଁ ରଣନୀତି ପ୍ରସ୍ତୁତ କରିବା ପାଇଁ ସେନା ମୁଖ୍ୟ, କ୍ୟାବିନେଟ୍ ମନ୍ତ୍ରୀ ଏବଂ ସର୍ବଦଳୀୟ ବୈଠକ ନିରନ୍ତର ଅନୁଷ୍ଠିତ ହୋଇଆସୁଥିଲା। ପହଲଗାମ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣଙ୍କ ମୃତ୍ୟୁର ପ୍ରତିଶୋଧ ନେବା ପାଇଁ, ଭାରତ ୬ ମେ ବିଳମ୍ବିତ ରାତିରେ 'ଅପରେସନ ସିନ୍ଦୂର' ଆରମ୍ଭ କରିଥିଲା। ଏହି ସମୟ ମଧ୍ୟରେ, ଭାରତୀୟ ସେନା ପାକିସ୍ତାନ ଏବଂ ପାକ୍ ଅଧିକୃତ କଶ୍ମୀରରେ ୯ଟି ଆତଙ୍କବାଦୀ ଆଡ୍ଡାକୁ ଟାର୍ଗେଟ କରିଥିଲା, (ପୃଷ୍ଠା ୭ରେ)

## ପଣ୍ଡିତ ମୁର୍ମୁଙ୍କ ବାସଭବନକୁ ସ୍ମାରକୀ ତୀର୍ଥସ୍ଥଳୀରେ ପରିଣତ କରାଯିବ



ଭୁବନେଶ୍ୱର/ରାଇରଙ୍ଗପୁର ୧୨/୦୫
ନ୍ୟୁଜ ବ୍ୟୁରୋ

ସାନ୍ତାଳୀ ଭାଷାର ଅଲଚିକି ଲିପି ଉଦ୍ଭାବନର ଶତବାର୍ଷିକୀ ଏବଂ ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୨୦ ତମ ରାଜ୍ୟସ୍ତରୀୟ ଜନ୍ମବାର୍ଷିକୀ ଉତ୍ସବ ସୋମବାର ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଅନ୍ତର୍ଗତ ମହୁଲଡିହା ଅଞ୍ଚଳରେ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଦାଣ୍ଡବୋଷ ଅଞ୍ଚଳରେ ଥିବା ପଣ୍ଡିତ ମୁର୍ମୁଙ୍କ ବାସଭବନକୁ ସ୍ମାରକୀ ତୀର୍ଥସ୍ଥଳୀ ଓ ତାଙ୍କ ସମାଧି ପୀଠକୁ ଐତିହ୍ୟ ସ୍ମୃତିପୀଠ ଭାବେ ପରିଣତ କରିବାକୁ ଘୋଷଣା କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏହା ମଧ୍ୟ ଘୋଷଣା କରିଛନ୍ତି ଯେ, ଅଲଚିକି ଲିପିର ୧୦୦ ବର୍ଷ ପୂରଣ ସମାରୋହ ୧ ବର୍ଷ ବ୍ୟାପୀ ସାରା ରାଜ୍ୟରେ ହେବ ଓ ସାନ୍ତାଳୀ ଭାଷାର ପ୍ରଚାର ପ୍ରସାର ପାଇଁ ଏକ ଅନ୍ତର୍ଜାତୀୟ ସେମିନାର ଆୟୋଜନ ହେବ। ଏଥିସହିତ ପଣ୍ଡିତ ମୁର୍ମୁଙ୍କ ରଚିତ ସମସ୍ତ ପୁସ୍ତକ ଗୁଡିକୁ ଜନାଦୃତ କରାଇବା ପାଇଁ ବାରିପଦାରେ ଅଲଚିକି ଲାଇବ୍ରେରୀ ପ୍ରତିଷ୍ଠା, ପଣ୍ଡିତ ରଘୁନାଥ ମୁର୍ମୁ ଓପନ ଥିଏଟର-ସଂଗ୍ରହାଳୟ, ଏବଂ ତାଙ୍କ କର୍ମଭୂମି ଠାରେ ଐତିହ୍ୟ ଭବନ ପ୍ରତିଷ୍ଠା କରାଯିବ ବୋଲି ସେ ଘୋଷଣା କରିବା ସହିତ ଏହି ସବୁ କାର୍ଯ୍ୟ ପାଇଁ ସମୁଦାୟ ୫୦ କୋଟି ଟଙ୍କାର ପ୍ୟାକେଜ (ପୃଷ୍ଠା ୭ରେ)

## ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ଶପଥ ନେଲେ ଜଷ୍ଟିସ୍ ଡି.କେ ଶ୍ରୀପାଦ



ଭୁବନେଶ୍ୱର, ୧୨/୦୫
ନ୍ୟୁଜ ବ୍ୟୁରୋ

ଜଷ୍ଟିସ ଦୀକ୍ଷିତ କୃଷ୍ଣ ଶ୍ରୀପାଦ ସୋମବାର ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ଶପଥ ଗ୍ରହଣ କରିଛନ୍ତି। ଏହି ଶପଥ ଗ୍ରହଣ ଉତ୍ସବ କଟକ ସ୍ଥିତ ଉଚ୍ଚ ନ୍ୟାୟାଳୟ ପରିସରରେ ଆୟୋଜିତ ହୋଇଥିଲା। ଜଷ୍ଟିସ୍ ଶ୍ରୀପାଦଙ୍କ ପଦଭାର ଗ୍ରହଣ ସହିତ ଓଡ଼ିଶା ହାଇକୋର୍ଟରେ ମୋଟ ନ୍ୟାୟାଧୀଶଙ୍କ ସଂଖ୍ୟା ୧୯କୁ ବୃଦ୍ଧି ପାଇଛି। ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ସକାଳ ୧୦ଟା ବେଳେ ବିଚାରପତି ଶ୍ରୀପାଦଙ୍କୁ ଶପଥ ପାଠ କରାଇଥିଲେ । ଏହି ଅବସରରେ ଅନ୍ୟ ବିଚାରପତି, ବରିଷ୍ଠ ଓକିଲ ଓ କୋର୍ଟର ଅଧିକାରୀଗଣ ଉପସ୍ଥିତ ଥିଲେ ।

## ଆଜି ସିବିଏସଇ ଦଶମ-ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ

ନୂଆଦିଲ୍ଲୀ, ୧୨/୫

ମଙ୍ଗଳବାର କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସଇ) ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ ପାଇବ ବୋଲି ସୂଚନା ମିଳିଛି। ମଙ୍ଗଳବାର ପୂର୍ବାହ୍ନ ୧୦ ଟା ସମୟରେ ଫଳ ପ୍ରକାଶନ ନେଇ ବିଶେଷ ସୂତ୍ରରୁ ସୂଚନା ମିଳିଛି। ଚଳିତବର୍ଷ ଦଶମ ଏବଂ ଦ୍ୱାଦଶରେ ମୋଟ ୪୨ ଲକ୍ଷ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ଦଶମରେ ୨୪ ଲକ୍ଷ ୧୨ ହଜାର ଏବଂ ଦ୍ୱାଦଶ ଶ୍ରେଣୀରେ ୧୭ ଲକ୍ଷ ୮୮ ହଜାର ପରିକ୍ଷାର୍ଥୀ ପରୀକ୍ଷା ଦେଇଥିଲେ।

### ଶ୍ରୀମନ୍ଦିର ସୁରକ୍ଷା ଯାଞ୍ଚ କଲେ ପୋଲିସ ମହାନିର୍ଦ୍ଦେଶକ

# ବଡ଼ଦେଉଳ ସୁରକ୍ଷାରେ ମୁତୟନ ହେଲା ଆର୍ମଡ୍ ଭେଇକିଲ୍

ପୁରୀ ୧୨/୫ ନ୍ୟୁଜ ବ୍ୟୁରୋ

ପୋଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ ସୋମବାର ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିବା ସହ ମନ୍ଦିରର ସୁରକ୍ଷା ବ୍ୟବସ୍ଥାର ଅନୁଧ୍ୟାନ କରିଛନ୍ତି।

ଆସନ୍ତା ସ୍ନାନ ପୂର୍ଣ୍ଣିମା ଓ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ସମସ୍ତ ପ୍ରସ୍ତୁତି ନେଇ ଏକ ଉଚ୍ଚ ସ୍ତରୀୟ ବୈଠକରେ ପୋଲିସ ମହାନିର୍ଦ୍ଦେଶକ ଶ୍ରୀ ଖୁରାନିଆ ସ୍ଥିତିର ଅନୁଧ୍ୟାନ କରିଛନ୍ତି। ଏଥିସହିତ ସୁରକ୍ଷା, ଶୃଙ୍ଖଳିତ ଦର୍ଶନ, ଟ୍ରାଫିକ୍ ବ୍ୟବସ୍ଥା ନେଇ ମଧ୍ୟ ବୈଠକରେ ଆଲୋଚନ ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି । ଏହି ଅବସରରେ ଅତିରିକ୍ତ ଡିଜିପି ସଞ୍ଜୟ କୁମାର, ଅମିତାଭ ଠାକୁର, ଦୟାଲ ଗଙ୍ଗୱାର, ପ୍ରବୀଣ କୁମାର,



ଅନୁପ ସାହୁ ଏବଂ ପିନାକୀ ମିଶ୍ରଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀ ଏବଂ ଏସପି ବିନୀତ ଅଗ୍ରୱାଲ ଉପସ୍ଥିତ ଥିଲେ। ଭାରତ ପାକିସ୍ତାନ ଉତ୍ତେଜନା ମଧ୍ୟରେ ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥା ନେଇ ମଧ୍ୟ ସମୀକ୍ଷା ହୋଇଥିଲା। ଏହାସହିତ (ପୃଷ୍ଠା ୭ରେ)

## ଚୀନ ମିସାଇଲରେ ଭାରତ ଆକ୍ରମଣ କରିଥିଲା ପାକିସ୍ତାନ

ନୂଆଦିଲ୍ଲୀ, ୧୨/୫

'ଭାରତ ଉପରେ ଆକ୍ରମଣ ସମୟରେ ଚୀନ୍ ମିସାଇଲ ଓ ତୁର୍କୀର ଡ୍ରୋନ ବ୍ୟାବାହର କରିଛି ପାକିସ୍ତାନ'। ଅପରେସନ ସିନ୍ଦୂରକୁ ନେଇ ଡିଜିଏମ୍‌ଓ ପକ୍ଷରୁ ଦ୍ୱିତୀୟ ପ୍ରେସ ବ୍ରିଫିଂରେ ଭାରତୀୟ ସେନା ଫଟୋ ମାଧ୍ୟମରେ ଏହାର ଭଗ୍ନାବଶେଷ ଦେଖାଇ ପୂରା ପ୍ରମାଣ ସହ କହିଛି । ପିଏଲ୍ -୧୫ ଏୟାର-ଟୁ-ଏୟାର ମିସାଇଲର ଭଗ୍ନାବଶେଷ ମିଳିଛି, ଯାହାର ଚୀନରେ ତିଆରି ହୋଇଛି । ସେହିପରି ଭାରତ ଦ୍ୱାରା ଖସାଇ ଦିଆଯାଇଥିବା ତୁର୍କୀ ଅରିଜିନ ୱାଇଆଇଏଚ୍‌ଏ ଏବଂ ସୋଙ୍ଗାର ଡ୍ରୋନର ଭଗ୍ନାବଶେଷ ମଧ୍ୟ ଦେଖାଇଛି ଭାରତୀୟ ସେନା ।

ଅପରେସନ ସିନ୍ଦୂରର ଲକ୍ଷ୍ୟ ବ୍ରିଫିଂରେ ଭାରତୀୟ ସେନା ପୁଣି ଥରେ କହିଛି ଯେ, ଅପରେସନ ସିନ୍ଦୂରର ଲକ୍ଷ୍ୟ ପାକିସ୍ତାନରେ




ଆତଙ୍କବାଦୀ ଏବଂ ଆତଙ୍କବାଦୀ ଭିତ୍ତିଭୂମିକୁ ନଷ୍ଟ କରିବା, ଦେଶର ସେନା ବିରୋଧରେ ନୁହେଁ । ଏୟାର ମାର୍ଶାଲ ଏ.କେ. ଭାରତୀ କହିଥିଲେ ଯେ, 'ଆମର ଲଢ଼େଇ ଆତଙ୍କବାଦ ବିରୋଧରେ। ପାକିସ୍ତାନର ସେନା ଆତଙ୍କବାଦକୁ ସମର୍ଥନ କରିଥିଲା । ଏହା ଦୁଃଖର କଥା ଯେ ପାକିସ୍ତାନୀ ସେନା ହସ୍ତକ୍ଷେପ କରିବାକୁ ନିଷ୍ପତ୍ତି ନେଇଥିଲା ଏବଂ ତାହା ମଧ୍ୟ ଆତଙ୍କବାଦୀଙ୍କ ପାଇଁ ତେଣୁ ଆମେ ଜବାବ ଦେବାକୁ ନିଷ୍ପତ୍ତି ନେଇଥିଲୁ।'' ଏୟାର ମାର୍ଶାଲ ଏ.କେ. ଭାରତୀ ଆହୁରି ମଧ୍ୟ କହିଛନ୍ତି, 'ଆମର (ପୃଷ୍ଠା ୭ରେ)

## ଅସ୍ତ୍ରବିରତି ପରେ ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା



ନୂଆଦିଲ୍ଲୀ, ୧୨/୫

ଭାରତ ଏବଂ ପାକିସ୍ତାନ ମଧ୍ୟରେ ଯୁଦ୍ଧବିରତି ଘୋଷଣା ପରେ ସୀମାରେ ଶାନ୍ତି ରହିଛି। ସୋମବାର ଉଭୟ ଦେଶର ଡିଜିଏମଓ ଏହି ଅସ୍ତ୍ରବିରତି ଉପରେ ଆଲୋଚନା କରିଛନ୍ତି। ଏହି ଆଲୋଚନା ପୂର୍ବରୁ, ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ଏକ ଉଚ୍ଚସ୍ତରୀୟ ବୈଠକ ହୋଇଛି, ଯେଉଁଥିରେ ଚିଫ ଅଫ ଡିଫେନ୍ସ ଷ୍ଟାଫ ଜେନେରାଲ ଅନୀଲ ଚୌହାନ, ତିନି ସେନାର ମୁଖ୍ୟ ଏବଂ ଅନେକ ବରିଷ୍ଠ ଅଧିକାରୀ ଅଂଶଗ୍ରହଣ କରିଛନ୍ତି। ଅସ୍ତ୍ରବିରତି ଏବଂ ଡିଜିଏମଓ (ଭାରତ ପାକିସ୍ତାନ ଡିଜିଏମଓ ବୈଠକ) ସମ୍ପର୍କିତ ଏହି ବୈଠକରେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ମଧ୍ୟ ଉପସ୍ଥିତ ଥିଲେ। ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂହ ପ୍ରଧାନମନ୍ତ୍ରୀ ମୋଦିଙ୍କ ସରକାରୀ ବାସଭବନ ୭ ଲୋକ କଲ୍ୟାଣ ମାର୍ଗରେ ପହଞ୍ଚିଥିଲେ। ସୋମାବର ଭାରତ ଏବଂ ପାକିସ୍ତାନର ଡିଜିଏମଓଙ୍କ ମଧ୍ୟରେ ଏକ ଆଲୋଚନା ହେବାକୁ ଯାଉଛି। ସୋମବାର ଅପରାହ୍ନ ୨.୩୦ରେ ଉଭୟ ଅଧିକାରୀ ଯୁଦ୍ଧବିରତି (ଭାରତ-ପାକିସ୍ତାନ ଯୁଦ୍ଧବିରତି) ଉପରେ ଆଲୋଚନା କରିବେ। ପୂର୍ବରୁ ପୂର୍ବତନ ଏୟାର ଭାଇସ ମାର୍ଶାଲ ଏ.କେ. ସିଂହ କହିଥିଲେ ଯେ ଯୁଦ୍ଧବିରତି ଘୋଷଣା ଦର୍ଶାଉଛି ଯେ ପାକିସ୍ତାନ ଭାରତ ନିକଟରେ ଆତ୍ମସମର୍ପଣ କରିଛି। ପାକିସ୍ତାନୀ ଡ୍ରୋନ ଆକ୍ରମଣକୁ ରୋକିବା ପାଇଁ ଭାରତ ବାୟୁ ପ୍ରତିରକ୍ଷା ପ୍ରଣାଳୀ ବ୍ୟବହାର କରିଥିଲା। ଏହା ଆଶାଠାରୁ ବହୁତ ଭଲ ଦେଖାଯାଉଥିଲା। ଏହି ବ୍ୟବସ୍ଥା ଯୋଗୁଁ, ପାକିସ୍ତାନ (ଭାରତ ପାକିସ୍ତାନ ସଂଘର୍ଷ) ଦ୍ୱାରା କରାଯାଇଥିବା ଆକ୍ରମଣର କୌଣସି ପ୍ରଭାବ ପଡ଼ିନାହିଁ ଏବଂ ଏହା ନିଜର ହୋଶ ହରାଇଛି। ସେ ବୁଝିପାରୁ ନଥିଲେ ଯେ ସେ କ'ଣ କରିବା ଉଚିତ? ତାଙ୍କର ଡ୍ରୋନଗୁଡ଼ିକ ଖେଳଣା ପାଲଟିଯାଉଥିଲା। ଭାରତ କାର୍ଯ୍ୟାନୁଷ୍ଠାନ ଆରମ୍ଭ ମଧ୍ୟ କରିନଥିଲା। ପାକିସ୍ତାନରୁ ହେଉଥିବା ଆକ୍ରମଣର କେବଳ ଟିକିଏ ଜବାବ ଦିଆଯାଉଥିଲା। ଯଦି ଅପରେଶନ ହୋଇଥାନ୍ତା, ତେବେ ପାକିସ୍ତାନ ୧୫ ଦିନ ମଧ୍ୟରେ ଆତ୍ମସମର୍ପଣ କରିଥାନ୍ତା।

ନୂଆଦିଲ୍ଲୀସ୍ଥିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବାସଭବନରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସିଡିଏସ୍ ଓ ଏୟାର ଚିଫ୍ ମାର୍ଶଲ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ଏନଏସଜି ଅଜିତ ଡୋଭାଲ, ବୈଦେଶିକ ମନ୍ତ୍ରୀ ଏସ୍.ଜୟଶଙ୍କର ପ୍ରମୁଖ ଉପସ୍ଥିତ ରହିଥିଲେ। ସୋମବାର ଭାରତ-ପାକିସ୍ତାନ ଦୁଇ ଦେଶର (ପୃଷ୍ଠା ୭ରେ)

## ଆତଙ୍କବାଦ ହେଉଛି କୁକୁରର ଲାଞ୍ଜ, ଯାହା କେବେ ସିଧା ହେବ ନାହିଁ



ନୂଆଦିଲ୍ଲୀ, ୧୨/୫

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଉତ୍ତରପ୍ରଦେଶର ଲକ୍ଷ୍ନୌରେ ବ୍ରହ୍ମୋସ କ୍ଷେପଣାସ୍ତ୍ର ନିର୍ମାଣ ପାଇଁ ବ୍ରହ୍ମୋସ ଏରୋସ୍ପେସ୍ ଇଣ୍ଟିଗ୍ରେସନ୍ ଏବଂ ପରୀକ୍ଷଣ ସୁବିଧାର ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସମସ୍ତ ସୈନିକ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ଅପରେସନ ସିନ୍ଦୂର ପାଇଁ ଅଭିନନ୍ଦନ ଜଣାଇଥିଲେ। ଏଥିସହିତ ସେ କହିଥିଲେ, ବ୍ରହ୍ମୋସ କ୍ଷେପଣାସ୍ତ୍ର ପାଇଁ ୨୦୦ ଏକର ଜମି ଦେଇଛୁ। ଏବେ ଏଠାରେ ବ୍ରହ୍ମୋସ କ୍ଷେପଣାସ୍ତ୍ରର ନିର୍ମାଣ ଆରମ୍ଭ ହେବ। ତୁମେ ଅପରେସନ ସିନ୍ଦୂରରେ ବ୍ରହ୍ମୋସର ଶକ୍ତି ଦେଖିଥିବ, ଯଦି ତୁମେ ତାହା ଦେଖିନାହଁ ତେବେ ପାକିସ୍ତାନୀମାନଙ୍କୁ ପଚାର ଯେ ବ୍ରହ୍ମୋସ କ୍ଷେପଣାସ୍ତ୍ରର ଶକ୍ତି କ'ଣ? ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି, ଯେ ଆତଙ୍କବାଦର ଯେକୌଣସି ଘଟଣା ଏବେ ଯୁଦ୍ଧ ପରି ହେବ ଏବଂ ମନେରଖନ୍ତୁ, ଯେପର୍ଯ୍ୟନ୍ତ ଆମେ ଆତଙ୍କବାଦକୁ ସମ୍ପୂର୍ଣ୍ଣ ଭାବରେ ଦମନ ନ କରିଛୁ ସେପର୍ଯ୍ୟନ୍ତ ସମସ୍ୟାର ସମାଧାନ ହେବ ନାହିଁ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଆମକୁ ସମସ୍ତଙ୍କୁ ଏକ ସ୍ୱରରେ ଏହି ଅଭିଯାନରେ ସାମିଲ ହେବାକୁ ପଡିବ। ଆତଙ୍କବାଦ ହେଉଛି କୁକୁରର ଲାଞ୍ଜ ଯାହା କେବେ ସିଧା ହେବ ନାହିଁ। ଯେଉଁମାନେ ପ୍ରେମର ଭାଷାରେ ବିଶ୍ୱାସ କରନ୍ତି ନାହିଁ, ସେମାନଙ୍କୁ ସେମାନଙ୍କ ଭାଷାରେ ଜବାବ ଦେବାକୁ ପଡିବ।'

## ପୁଣି ଖୋଲିଲା ବନ୍ଦ ହୋଇଥିବା ଦେଶର ୩୨ ଏୟାରପୋର୍ଟ

ନୂଆଦିଲ୍ଲୀ, ୧୨/୫

ବିମାନ ଯାତ୍ରୀମାନଙ୍କ ପାଇଁ ଖୁସି ଖବର। ଭାରତ ଏବଂ ପାକିସ୍ତାନ ମଧ୍ୟରେ ସାମରିକ ଉତ୍ତେଜନା ଯୋଗୁଁ ବନ୍ଦ ହୋଇଥିବା ଦେଶର ୩୨ଟି ବିମାନବନ୍ଦରକୁ ପୁଣି ଥରେ ଉଡ଼ାଣ ପାଇଁ ଖୋଲାଯାଇଛି। ସୋମବାର ଏକ ପ୍ରେସ୍ ବିଜ୍ଞପ୍ତିରେ ଭାରତୀୟ ବିମାନବନ୍ଦର କର୍ତ୍ତୃପକ୍ଷ ଏହି ସୂଚନା ଦେଇଛନ୍ତି। ତତ୍କାଳ ଏହି ବିମାନବନ୍ଦର ଗୁଡ଼ିକରେ ବିମାନ ଚଳାଚଳ ପୁନଃଆରମ୍ଭ କରିବା ପାଇଁ ଆନୁଷ୍ଠାନିକ ଭାବରେ ଘୋଷଣା କରିଛି ଏଏଆଇ।

ଭାରତ ଏବଂ ପାକିସ୍ତାନ ମଧ୍ୟରେ ସାମରିକ ସଂଘର୍ଷ ଯୋଗୁଁ ଶ୍ରୀନଗର ଏବଂ ଅମୃତସର ଭଳି ପ୍ରମୁଖ ବିମାନବନ୍ଦର ସମେତ ଦେଶର ଉତ୍ତର ଏବଂ ପଶ୍ଚିମ ଭାଗରେ ଅବସ୍ଥିତ ୩୨ଟି ବିମାନବନ୍ଦରରୁ ବେସାମରିକ ବିମାନ ଚଳାଚଳକୁ ମେ' ୯ ରୁ ମେ ୧୫ ପର୍ଯ୍ୟନ୍ତ ଅସ୍ଥାୟୀ ଭାବରେ ସ୍ଥଗିତ ରଖାଯାଇଥିଲା। ଭାରତୀୟ ବିମାନବନ୍ଦର (ପୃଷ୍ଠା ୭ରେ)

## ଏକାଳ ପଖାଳ



ଶର୍ମା ଯାଇଥିଲେ କୋହଲି ବି ଗଲେ
କରି ଟେଷ୍ଟକୁ ଲଣ୍ଡା
କ୍ରିକେଟ ଜଗତ ଝୁରୁଛି ଝୁରିବ
ଝୁରନ୍ତି ବୁଢାଠୁ ଭେଣ୍ଡା
କରି ଉଚ୍ଚା ଆମ ଝଣ୍ଡା
ଦିନି କିଆରେ ଶହେ ଶହେ ଡେଇଁ
କରି ରେକର୍ଡକୁ ଥଣ୍ଡା !!

# ଆଜି ଆଣ୍ଡାମାନ ଛୁଇଁବ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ



ଭୁବନେଶ୍ୱର, ୧୨/୫
ନ୍ୟୁଜ ବ୍ୟୁରୋ

୨୪ ଘଣ୍ଟାରେ ଆଣ୍ଡାମାନ ଛୁଇଁବ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ । ମୌସୁମୀ ବାୟୁ ଅଗ୍ରସର ପାଇଁ ପାଣିପାଗ ସମ୍ପୂର୍ଣ୍ଣ ଅନକୂଳ ଥିବା ନେଇ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୋମବାର ସୂଚନା ମିଳିଛି । ଆଣ୍ଡାମାନ ସାଗର ଓ ଦକ୍ଷିଣ ବଙ୍ଗୋପସାଗରକୁ ଛୁଇଁବ ମୌସୁମୀ ବାୟୁ । ଭାରତରେ ମୌସୁମୀ ଋତୁର ଆରମ୍ଭକୁ ସୂଚିତ କରୁଥିବା, ଭାରତ ପାଣିପାଗ ବିଭାଗ (ଆଇଏମଡି) ପକ୍ଷରୁ ମିଳିଥିବା ସୂଚନାନୁସାରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ମଙ୍ଗଳବାର (୧୩ ତାରିଖ) ସୁଦ୍ଧା ଆଣ୍ଡାମାନ ସାଗର, ଦକ୍ଷିଣ ବଙ୍ଗୋପସାଗରର କିଛି ଅଂଶ ଏବଂ ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜରେ ପ୍ରବେଶ କରିବାର ସମ୍ଭାବନା ରହିଛି ।

ଏହି ପ୍ରାରମ୍ଭିକ ଗତି ମାନକ ପାଣିପାଗ କ୍ୟାଲେଣ୍ଡର ସହିତ ସମାନ, ଯାହା ସାଧାରଣତଃ ପ୍ରତିବର୍ଷ ଏହି ସମୟରେ ମୌସୁମୀ ଆଣ୍ଡାମାନ ଅଞ୍ଚଳରେ ପହଞ୍ଚିବ ବୋଲି ଆଶା କରାଯାଏ । ଆଇଏମଡିର ସୂଚନାନୁସାରେ, ଆଗାମୀ ୨୪ ଘଣ୍ଟା ମଧ୍ୟରେ ନିର୍ଦ୍ଦିଷ୍ଟ ଅଞ୍ଚଳ ଗୁଡ଼ିକୁ ମୌସୁମୀର ଅଗ୍ରଗତି ପାଇଁ ବାୟୁମଣ୍ଡଳ ଏବଂ ଅନ୍ୟାନ୍ୟ ପରିସ୍ଥିତି ଅତ୍ୟନ୍ତ ଅନୁକୂଳ। ପାଣିପାଗ ବିଜ୍ଞାନୀମାନେ ଆର୍ଦ୍ରତାରେ ନିରନ୍ତର ବୃଦ୍ଧି, ଦକ୍ଷିଣ-ପଶ୍ଚିମ ପବନକୁ ଶକ୍ତିଶାଳୀ କରିବା ଆଦି ଯାହା ମୌସୁମୀର ଆରମ୍ଭକୁ ସୂଚିତ କରୁଥିବା ପ୍ରମୁଖ ସୂଚନା (ପୃଷ୍ଠା ୭ରେ)

### ଜେନେଭାରେ ଆମେରିକା ଓ ଚୀନ ମଧ୍ୟରେ ହୋଇଛି ବଡ଼ ବ୍ୟାପାର ବୁଝାମଣା

# ସିଧା ୧୧୫% ଟାରିଫ୍ ହ୍ରାସ



ଜେନେଭା ୧୨।୫

ବିଶ୍ୱର ଦୁଇ ସବୁଠୁ ବଡ଼ ଅର୍ଥ ବ୍ୟବସ୍ଥା ଆମେରିକା ଓ ଚୀନ୍ ପାରସ୍ପରିକ ବାଣିଜ୍ୟ ବିବାଦ ଦୂର କରିବା ଦିଗରେ ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ଉଭୟ ଦେଶ ଆଗାମୀ ୯୦ ଦିନ ପାଇଁ ଅଧିକତର ଟାରିଫ (ଆମଦାନୀ ଶୁଳ୍କ) ହ୍ରାସ କରିବା ପାଇଁ ସହମତ ହୋଇଛନ୍ତି। ଏପର୍ଯ୍ୟନ୍ତ ଉଭୟ ଦେଶ ପରସ୍ପର ଉପରେ ୧୨୫% ପର୍ଯ୍ୟନ୍ତ ଟାରିଫ ଲଗାଉଥିଲେ। ଯାହାକୁ ହ୍ରାସ କରି ୧୦% କରି ଦିଆଯାଇଛି, ଅର୍ଥାତ ଟାରିଫରେ ସିଧା ୧୧୫% କାଟ୍ କରାଯାଇଛି।

ତେବେ ଫେଣ୍ଟାନିଲ ସମ୍ପର୍କିତ ଚୀନ୍ ସାମଗ୍ରୀ ଉପରେ ଆମେରିକାର ୨୦% ଡ୍ୟୁଟି ପୂର୍ବବତ ଜାରି ରହିବ, ଏହା ଦ୍ୱାରା ଚୀନ୍ ଉପରେ ମୋଟ ଟାରିଫ ୩୦% ରହିବ। ଏହି ବୁଝାମଣା ସ୍ୱିଜରଲ୍ୟାଣ୍ଡର ଜେନେଭାରେ ଏକ ସପ୍ତାହନ୍ତ ବୈଠକ କାଳରେ ହୋଇଛି। ଏଥିରେ ଆମେରିକା ଟ୍ରେଜରୀ ସେକ୍ରେଟାରୀ ସ୍କଟ ବେସେଣ୍ଟ ଓ ବାଣିଜ୍ୟ ପ୍ରତିନିଧି ଜେମିସନ ଗ୍ରେୟର ଅଂଶଗ୍ରହଣ କରିଥିଲେ। ସ୍କଟ କହିଛନ୍ତି ଯେ ଆମର ଆଲୋଚନା ବେଶ୍ ସଫଳ ରହିଛି। (ପୃଷ୍ଠା ୭ରେ)



# ରାଜ୍ୟରେ ଗତ ୩ ବର୍ଷରେ ଉତ୍ପାଦନ ହୋଇଛି ୧୭ ଲକ୍ଷ ସିମେନ୍ ନଳୀ : ପ୍ରାଣୀ ସମ୍ପଦ ରିପୋର୍ଟ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ମିଳୁନି ଉନ୍ନତମାନର ଆବଶ୍ୟକ ଶୁକ୍ରାଣୁ 'ସେକ୍ସ ସର୍ଟେଡ୍ ସିମେନ୍' । ସରକାର ଯୋଗାଉଥିବା ଶୁକ୍ରାଣୁ ବି ନିମ୍ନମାନର। ତେଣୁ ଅଧିକାଂଶ କ୍ଷେତ୍ରରେ ବାଛୁରୀ ଜନ୍ମ ହେଉନାହାନ୍ତି। ଯଦି ଜନ୍ମ ହେଉଛନ୍ତି ରୋଗୀଣା ବାଛୁରୀ ଜନ୍ମ ହେଉଛନ୍ତି । ଏହାଦ୍ୱାରା ଉନ୍ନତମାନର ଗୋବଂଶ ଧୀରେ ଧୀରେ ଧ୍ୱଂସାଭିମୁଖୀ ହେଉଛି । ଏହାର ପ୍ରଭାବ ଦୁଗ୍ଧ ଉତ୍ପାଦନ ଉପରେ ପଡ଼ିଲାଣି । ଦେଶୀ ଗାଈଙ୍କ କଥା ନ କହିବା ଭଲ । ଭଲ ଦେଶୀ ଗାଈଙ୍କ ବଂଶ ବୁଡ଼ିବାକୁ ବସିଲାଣି । ଏକଥା ନୁହେଁ ଯେ, ରାଜ୍ୟରେ ଉନ୍ନତମାନର ଷଣ୍ଢ ନାହାନ୍ତି। ହେଲେ ସେମାନଙ୍କୁ ନେଇ ପୋଷି ଶୁକ୍ରାଣୁ ଉତ୍ପାଦନ କରିବାକୁ ସରକାରଙ୍କ ଆଗ୍ରହ ନାହିଁ । ଫଳରେ ଶହ ଶହ ଗାଈ, ମଇଁଷି ବନ୍ଧ୍ୟା ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ପ୍ରାଣୀ ସମ୍ପଦ ରିପୋର୍ଟ କହୁଛି, ରାଜ୍ୟରେ ଗତ ୩ ବର୍ଷରେ କଟକର ଫ୍ରୋଜେନ୍ ସିମେନ୍ ବ୍ୟାଙ୍କରୁ ୧୭ଲକ୍ଷ ୨୦ହଜାର ସିମେନ୍ ନଳୀ ଉତ୍ପାଦନ ହୋଇଛି । ତେବେ ଏହି ସମୟ ମଧ୍ୟରେ ବାକି ନଳୀ କିଣାଯାଇ ୩୬ ଲକ୍ଷ ୨୩ ହଜାର ସିମେନ୍ ନଳୀ ବଣ୍ଟନ କରାଯାଇଛି । ଭଲ କିସମର ବାଛୁରୀ ଜନ୍ମ ହେବା ପାଇଁ ସେକ୍ସ ସର୍ଟେଡ୍ ସିମେନ୍ ଆବଶ୍ୟକ । ହେଲେ ଆଜି ପର୍ଯ୍ୟନ୍ତ ଓଡ଼ିଶାରେ ସେକ୍ସ ସର୍ଟେଡ୍ ସିମେନ୍ ବ୍ୟାଙ୍କ ନିର୍ମାଣ ହୋଇପାରିନି। ସେଥିପାଇଁ ବାହାର ରାଜ୍ୟରୁ ବେସରକାରୀ ସଂସ୍ଥା ମାଧ୍ୟମରେ ଏହା ଆସୁଛି। ଗତ ୩ ବର୍ଷରେ ମୋଟ ୮୨ହଜାର ୫୦୦ଟି ସେକ୍ସ ସର୍ଟେଡ୍ ସିମେନ୍ ନଳୀ ଆସିଛି ଯାହାକୁ ଡୋଜ୍ ପିଛା ସରକାର ୫୧୦ଟଙ୍କାରେ କିଣୁଛନ୍ତି । ପରେ ଚାଷୀଙ୍କୁ ଏହା ରିହାତି ଦରରେ ଦିଆଯାଉଛି । ରାଜ୍ୟର ପୁରୀ, ଭଦ୍ରକ, କଟକ, ଗଞ୍ଜାମ, ଯାଜପୁର, ବାଲେଶ୍ୱର, ମୟୂରଭଞ୍ଜ, ବରଗଡ,



କେନ୍ଦ୍ରାପଡା ଓ ଜଗତସିଂହପୁର ଜିଲ୍ଲାରେ ସରକାରଙ୍କ ପକ୍ଷରୁ ସେକ୍ସ ସର୍ଟେଡ୍ ସିମେନ୍ ଦିଆଯାଉଛି । ଅନ୍ୟ ୨୦ ଜିଲ୍ଲାରେ ଏହି ସେବା ଆରମ୍ଭ ହୋଇନି। କଟକରେ ଫ୍ରୋଜେନ୍ ସିମେନ୍ ବ୍ୟାଙ୍କ୍ ରହିଛି । ଏଠାରେ ଜର୍ସି, ହଲଷ୍ଟିନ୍, ଫ୍ରେଜିଆନ୍ ଓ ସାହିୱାଲ ସହିତ ୧୨ ଗୋଟି ପ୍ରଜାତିର ୧୦୫ଟି ଷଣ୍ଢ ରହିଛନ୍ତି । ସେମାନଙ୍କ ମଧ୍ୟରେ ଦେଶୀ ବିଞ୍ଝାରପୁରୀ, ଖରିଆର ଓ ଘୁମୁସରୀଙ୍କ ସଂଖ୍ୟା ମାତ୍ର ୧୨ । ସେମାନଙ୍କ ମଧ୍ୟରୁ ୭୭ଟି ଷଣ୍ଢଙ୍କ ଠାରୁ ଶୁକ୍ରାଣୁ ସଂଗ୍ରହ କରାଯାଉଛି । ଅନ୍ୟ ୨୮ଟି ଷଣ୍ଢଙ୍କୁ ଭବିଷ୍ୟତରେ ବ୍ୟବହାର ପାଇଁ ରଖାଯାଇଛି। ଉତ୍ପାଦିତ ଶୁକ୍ରାଣୁ ଏକ ନଳୀରେ ଭର୍ତ୍ତି କରାଯାଇ ୩୦ଟି ଜିଲ୍ଲାରେ ଥିବା ଜିଲ୍ଲା, ବୃଷଭ ଜନନୀ ଫାର୍ମ ଓ ଦୁଗ୍ଧ ଉତ୍ପାଦକ ସମିତିକୁ ଯୋଗାଇ ଦିଆଯାଏ । ଏହି ନଳୀରେ ୦.୨୫ରୁ ୦.୫୦ ମିଲି ପର୍ଯ୍ୟନ୍ତ ସିମେନ୍ ରହିଥାଏ । ରିପୋର୍ଟ କହୁଛି, ୨୦୨୨-୨୩ରେ ମାତ୍ର ୧୨୪୦୧ ଶୁକ୍ରାଣୁ ନଳୀ (ସିମେନ୍ ଷ୍ଟ୍ର) ଉତ୍ପାଦନ ହୋଇଥିଲା । ସେହିପରି ୨୦୨୩-୨୪ରେ ୮ ଲକ୍ଷ ୪୪୫୫, ୨୦୨୪-୨୫ରେ ୯ଲକ୍ଷ ୧୬ହଜାର ୮୫ ନଳୀ ଉତ୍ପାଦନ ହୋଇଥିଲା । ବାହାରୁ ମଧ୍ୟ ଏହା କିଣାଯାଉଛି। ୨୦୨୨-୨୩ରେ ୩୦୦୪, ୨୦୨୩-୨୪ରେ ୩ ଲକ୍ଷ ୪୮ ହଜାର ୭୩୬ ଓ ୨୦୨୪-୨୫ରେ ୧ ଲକ୍ଷ ୩ହଜାର ଶୁକ୍ରାଣୁ ନଳୀ କିଣାଯାଇଥିଲା । ଯଦି ବଣ୍ଟନ ସଂଖ୍ୟା ଦେଖିବା, ୨୦୨୧- ୨୨ରେ ମୋଟ ୧୭ଲକ୍ଷ ୫୯ହଜାର ୩୪୯ ଶୁକ୍ରାଣୁ ନଳୀ ସାରା ରାଜ୍ୟରେ ବଣ୍ଟନ ହୋଇଥିଲା । ୨୦୨୨-୨୩ରେ ୧୫ଲକ୍ଷ ୨୨ହଜାର ୪୩୫, ୨୦୨୩-୨୪ରେ ୧୦ଲକ୍ଷ ୭୫ ହଜାର ୧୨ଟି ଶୁକ୍ରାଣୁ ନଳୀ ବଣ୍ଟନ କରାଯାଇଥିଲା । ୨୦୨୪-୨୫ (ଗତ ଜାନୁଆରୀ ୩୧ ସୁଦ୍ଧା)ରେ ଏହି ସଂଖ୍ୟା ୧୦ ଲକ୍ଷ ୨୫ହଜାର ୫୮୯ରେ ସୀମିତ ରହିଛି। ଆଗକୁ ଏହି ସଂଖ୍ୟା ବଢ଼ିବ। ତେବେ ଅଧିକାଂଶ ସମୟରେ ଏହି ଶୁକ୍ରାଣୁ ଫଳପ୍ରଦ ହେଉନଥିବା ଅଭିଯୋଗ ହେଉଛି। ପ୍ରାଣୀ ସମ୍ପଦ ବିଭାଗର ଜଣେ ଅଧିକାରୀଙ୍କ କହିବା କଥା, ସରକାର ଏ ଦିଗରେ ଗୁରୁତ୍ୱ ଦେଇଛନ୍ତି । ନୂଆ ସରକାର ଆସିବା ପରେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଦୁଗ୍ଧଚାଷୀଙ୍କ ଉନ୍ନତି ପାଇଁ କାମ ଚାଲିଛି । ଯେଉଁ ସ୍ଥାନରେ ସେକ୍ସ ସର୍ଟେଡ୍ ସିମେନ୍ ମିଳୁନି ସେଠାରେ ସରକାରଙ୍କ ଦ୍ୱାରା ନିଯୁକ୍ତ ସ୍ୱେଚ୍ଛାସେବୀମାନେ ଗାଁଗାଁ ବୁଲି ସଚେତନ କରୁଛନ୍ତି । ଅଧିକ ଉନ୍ନତମାନର ଷଣ୍ଢ ଉତ୍ପାଦନ ବଢ଼ାଇବା ପାଇଁ ବିର୍ଲା ଆନିମଲ ଆଣ୍ଡ ଇଣ୍ଡଷ୍ଟ୍ରିଆଲ ଫାଉଣ୍ଡେସନ୍ ଓ ଫ୍ରୋଜେନ୍ ସିମେନ୍ ବ୍ୟାଙ୍କ୍ ମିଳିତ ଭାବରେ ସହାୟକ ପ୍ରଜନନ କୌଶଳ ଓ ଜିନୋମିକ୍ ଚୟନ ଆଧାରରେ ଉନ୍ନତମାନର ଷଣ୍ଢ ଉତ୍ପାଦନ ପାଇଁ କାର୍ଯ୍ୟ କରୁଛନ୍ତି ।

## ଭୟଙ୍କର ହେବାକୁ ଯାଉଛି ସ୍ଥିତି ବୈଜ୍ଞାନିକଙ୍କ ଚେତାବନୀ

**ନୂଆଦିଲ୍ଲୀ :**
ସମୁଦ୍ର ପୃଷ୍ଠ ପୂର୍ବ ଅପେକ୍ଷା ଏବେ ଅଧିକ ଗରମ ହୋଇଛି । ଏହି ପରିବର୍ତ୍ତନ କେବଳ ନିର୍ଦ୍ଦିଷ୍ଟ ଅଞ୍ଚଳରେ ସୀମିତ ନାହିଁ, ବରଂ ସାରା ଦୁନିଆ ପାଇଁ ଚିନ୍ତାର କାରଣ ପାଲଟିଛି। ଏକ ବୈଜ୍ଞାନିକ ଅଧ୍ୟୟନରେ ଜଣାପଡ଼ିଛି ଯେ ଗତ ୮୦ ବର୍ଷରେ ସମୁଦ୍ର ପୃଷ୍ଠରେ ଗରମ ଦିନ ସଂଖ୍ୟା ୩ ଗୁଣା ବଢିଛି । ୧୯୪୦ ଦଶନ୍ଧିରେ ପ୍ରତିବର୍ଷ ହାରାହାରି ୧୫ ଦିନ ହିଁ ସମୁଦ୍ର ପୃଷ୍ଠରେ ଅତ୍ୟଧିକ ଗରମ ରେକର୍ଡ ହେଉଥିଲା, ଏହି ସଂଖ୍ୟା ବଢି ପ୍ରାୟ ୫୦ ଦିନ ହୋଇଛି। ଏହି ପରିବର୍ତ୍ତନ କେବଳ ସଂଖ୍ୟାର କଥା ନୁହେଁ, ବରଂ ଏହା ଆମ ପୃଥିବୀର ସ୍ୱାସ୍ଥ୍ୟ ଓ ଆମ ଭବିଷ୍ୟତ ପାଇଁ ବିପଦର ଘଣ୍ଟି ମଧ୍ୟ। ବୈଜ୍ଞାନିକମାନେ ସ୍ପଷ୍ଟ କରିଛନ୍ତି ଯେ ବୈଶ୍ୱିକ ତାପମାତ୍ରର ହେଉଥିବା ବୃଦ୍ଧି, ଅର୍ଥାତ୍ ଗ୍ଲୋବାଲ୍ ୱାର୍ମିଂ ଏହାର ମୁଖ୍ୟ କାରଣ । ନୂଆ ଅଧ୍ୟୟନ ଅନୁସାରେ ସମୁଦ୍ରରେ ଅତ୍ୟଧିକ ଗରମର ଘଟଣାର ପ୍ରାୟ ଅଧା କେବଳ ଗ୍ଲୋବାଲ୍ ୱାର୍ମିଂ କାରଣରୁ ହୋଇଛି। ଏହି ରିସର୍ଚ୍ଚ ରିପୋର୍ଟକୁ ଭୂମଧ୍ୟ ସାଗର ପାଇଁ ଉନ୍ନତ ଅଧ୍ୟୟନ ସଂସ୍ଥାନ, ୟୁନିଭର୍ସିଟି ଅଫ୍ ରିଡିଂ, ଇଣ୍ଟରନ୍ୟାସନାଲ୍ ସ୍ପେସ୍ ସାଇନ୍ସ ଇନଷ୍ଟିଚ୍ୟୁଟ୍ ଓ ୟୁନିଭର୍ସିଟି ଅଫ୍ ଦ ବାଲିଆରିକ୍ ଆଇଲ୍ୟାଣ୍ଡର ବୈଜ୍ଞାନକ ପ୍ରସ୍ତୁତ କରିଛନ୍ତି । ୟୁନିଭର୍ସିଟି ଅଫ୍ ରିଡିଂର ଡା.ଜିୟାଙ୍ଗୱୋ ଫେଙ୍ଗ କହିଛନ୍ତି ଯେ, ସମୁଦ୍ରିକ୍ ହିଟ୍‌ୱେଭ୍ ଅଣ୍ଡରୱାଟର୍ ଇକୋସିଷ୍ଟମକୁ ଧ୍ୱଂସ କରିବ । ଦୀର୍ଘ ଅବଧି ଯାଏ ସମୁଦ୍ର ପୃଷ୍ଠ ଗରମ ରହିବା ଦ୍ୱାରା କୋରଲ ରିଂ, ପେଲ୍ପ ଜଙ୍ଗଲ ଓ ସୀଗ୍ରାସ ମୋଡିଜ୍ ପରି ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ଆବାସ ଧ୍ୱଂସ ହୋଇଯିବ । ଏହି ସ୍ଥାନ ସାମୁଦ୍ରିକ ଜୀବଙ୍କ ପାଇଁ ଘର ପରି ଅଟେ । ଯଦି ଏହା ଶେଷ ହୁଏ ତେବେ ପୂରା ସାମୁଦ୍ରିକ ଜୀବନ ସଂକଟରେ ପଡ଼ିପାରେ । ସମୁଦ୍ର ପୃଷ୍ଠ ଗରମର ପ୍ରଭାବ କେବଳ ସମୁଦ୍ର ଯାଏ ସୀମିତ ନୁହେଁ । ବୈଜ୍ଞାନିକମାନେ ଚେତାବନୀ ଦେଇ କହିଛନ୍ତି ଯେ ସମୁଦ୍ର ଗରମ ହେଲେ ପରିବେଶ ଅସ୍ଥିର ହେବ । ଯେଉଁଥି ପାଇଁ ବାତ୍ୟା ଓ ପ୍ରବଳ ବର୍ଷା ପରି ଘଟଣାର ମାତ୍ରା ବଢିବ । ଉଦାହରଣ ପାଇଁ ୨୦୨୩ରେ ନ୍ୟୁଜିଲାଣ୍ଡରେ ଆସିଥିବା ବାତ୍ୟା ଗେବ୍ରିଏଲ୍ ସମୁଦ୍ରର ଅତ୍ୟଧିକ ଗରମ ଯୋଗୁଁ ଅଧିକ ଶକ୍ତିଶାଳୀ ହୋଇଥିଲା ।

## ମିନି ଟ୍ରକ୍‌କୁ ଧକ୍କା ଦେଲା ଟ୍ରଲର : ୧୩ ମୃତ



**ଛତିଶଗଡ :**
ଛତିଶଗଡ ଜିଲ୍ଲା ରାୟପୁର-ବାଲୋଦାବଜାର ରୋଡର ସାରାଗାଁ ନିକଟରେ ଏକ ଟ୍ରକ ଏବଂ ଟ୍ରଲର ଧକ୍କା ହୋଇଛି। ଦୁର୍ଘଟଣାରେ ୧୩ ଜଣଙ୍କର ଦୁଃଖଦ ମୃତ୍ୟୁ ହୋଇଥିବାବେଳେ ୧୨ ଜଣ ଆହତ ହୋଇଥିବା ଜଣାପଡ଼ିଛି। ଏଥିରେ ଲୋକମାନେ ବାନା ବନାରସୀରୁ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ଫେରୁଥିଲେ। ଆହତମାନଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାକୁ ନିଆଯାଇଛି। ରାୟପୁର ଏସପି ଲାଲ ଉମ୍ମେଦ ସିଂହ ଏହି ସୂଚନା ଦେଇଛନ୍ତି। ଦୁର୍ଘଟଣାରେ ପ୍ରାଣ ହରାଇଥିବା ୧୩ ଜଣଙ୍କ ମଧ୍ୟରେ ୯ ଜଣ ମହିଳା ଏବଂ ୪ ଜଣ ଶିଶୁ ଅଛନ୍ତି। ରାୟପୁର ଏସ ପି ଲାଲ ଉମ୍ମେଦ ସିଂହ କହିଛନ୍ତି, ଚଟୌଡ ଗାଁର କିଛି ଲୋକ ଛଡି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ବନସାରି ଗାଁକୁ ଯାଇଥିଲେ। କାର୍ଯ୍ୟକ୍ରମ ସରିବା ପରେ ସେମାନେ ଫେରୁଥିଲେ। ଏହି ସମୟରେ ରାୟପୁର-ବାଲୋଦାବଜାର ରାସ୍ତା ନିକଟରେ ଦୁର୍ଘଟଣା ଘଟିଥିଲା।

## ଉତ୍ତର ବାଲେଶ୍ୱରରେ ନାହିଁ କୃଷିଭିତ୍ତିକ ଶିଳ୍ପ : କ୍ଷତି ସହୁଛନ୍ତି ଲକ୍ଷାଧିକ ଚାଷୀ ପରିବାର

**ବାଲେଶ୍ୱର, ନ୍ୟୁଜ ବ୍ୟୁରୋ**
କୃଷିକ୍ଷେତ୍ରରେ ସମଗ୍ର ରାଜ୍ୟରେ ଆଗୁଆ ଉତ୍ତର ବାଲେଶ୍ୱର ଅଞ୍ଚଳରେ କୌଣସି କୃଷିଭିତ୍ତିକ ଶିଳ୍ପ ନ ଥିବାରୁ ଅଞ୍ଚଳର ଚାଷୀମାନେ କ୍ଷତିଗ୍ରସ୍ତ ହେଉଛନ୍ତି। ଏହାର ସିଧାସଳଖ ଫାଇଦା ନେଉଛି ପଡ଼ୋଶୀ ପଶ୍ଚିମବଙ୍ଗ। ଭୌଗୋଳିକ ଦୃଷ୍ଟିକୋଣରୁ ବାଲେଶ୍ୱର ଜିଲ୍ଲାର ଉତ୍ତରରେ ଥିବା ଜଳେଶ୍ୱର, ଭୋଗରାଇ, ବାଲିଆପାଳ, ବସ୍ତା ବ୍ଲକ୍ ଓ ଜଳେଶ୍ୱର ପୌରାଞ୍ଚଳର ବ୍ୟାପକ ଅଞ୍ଚଳ ସମୁଦ୍ର ଓ ନଦୀ ତଟବର୍ତ୍ତୀ ହୋଇଥିବାରୁ ଏହାକୁ ଧାନ, ପାନ ଓ ମୀନର ଅଞ୍ଚଳ ବୋଲି କୁହାଯାଏ। ସରକାରୀ ପରିସଂଖ୍ୟାନ ଅନୁଯାୟୀ, ଉତ୍ତର ବାଲେଶ୍ୱରର ୪ଟି ବ୍ଲକ୍ ଓ ଗୋଟିଏ ପୌରାଞ୍ଚଳରେ ୧.୧୫ ଲକ୍ଷରୁ ଊର୍ଦ୍ଧ୍ୱ ପରିବାର କୃଷି ଉପରେ ସମ୍ପୂର୍ଣ୍ଣ ନିର୍ଭର କରିଥାନ୍ତି। ଏହି ପରିବାର ନିକଟରେ ପାଖାପାଖି ୯୧.୫୦୦ ହଜାର ହେକ୍ଟର ଚାଷ ଜମି ରହିଛି। ଖରିଫ୍ ଋତୁରେ ଧାନଚାଷ, ରବି ଋତୁରେ ଡାଲୁଅ ଧାନ, ଡାଲି ଜାତୀୟ, ତୈଳବୀଜ, ମସଲା ଜାତୀୟ, ପନିପରିବା ତଥା ଉଦ୍ୟାନ କୃଷି ବ୍ୟାପକ ଭାବେ ହୋଇଥାଏ। ଏହାବ୍ୟତୀତ ସାମୁଦ୍ରିକ ମାଛ ଓ ମଧୁର ଜଳ ମାଛ ଉତ୍ପାଦନରେ ମଧ୍ୟ ଏ ଅଞ୍ଚଳର ସ୍ୱତନ୍ତ୍ର ନାମ ରହିଛି। ଏଠାରୁ ଉତ୍ପାଦିତ ଫସଲରୁ ୨୦ ପ୍ରତିଶତ ଚାଷୀ ପରିବାର ଦୈନନ୍ଦିନ ଚାହିଦା ମେଣ୍ଟାଇବା ପରେ ବଳକା ୮୦ ପ୍ରତିଶତକୁ ବଜାରରେ ବିକ୍ରି କରିଥାନ୍ତି। ବିଶେଷ କରି ଏଠାରୁ ଧାନ, ମୁଗ, ବିରି, ଚିନାବାଦାମ, କାଜୁ, ଗୁଆ, ଆମ୍ବ, ପଣସ, ନଡ଼ିଆ, ପିଜୁଳି, କଦଳୀ, ଅମୃତଭଣ୍ଡା, ସମସ୍ତ ପନିପରିବା ତଥା ମଧୁର ଜଳ ମାଛ ପ୍ରଚୁର ପରିମାଣରେ ଉତ୍ପାଦିତ ହେଉଥିଲେ ମଧ୍ୟ ଏଠାରେ କୌଣସି କୃଷିଭିତ୍ତିକ ଶିଳ୍ପ ଅଥବା ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ନଥିବାରୁ ଚାଷୀମାନେ ବଳକା ଖାଦ୍ୟଶସ୍ୟକୁ ପଶ୍ଚିମବଙ୍ଗ ବେପାରୀଙ୍କୁ କମ୍ ଦରରେ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ବଜାର ସୁବିଧା ନଥିବାରୁ ଚାଷୀ ସବୁବେଳେ ବଙ୍ଗ ଦଲାଲଙ୍କ ଦ୍ୱାରା ଶୋଷିତ ହେଉଛନ୍ତି। ପଶ୍ଚିମବଙ୍ଗର ପୂର୍ବ ମେଦିନୀପୁର ଓ ପଶ୍ଚିମ ମେଦିନୀପୁର ଜିଲ୍ଲାର ସୀମାନ୍ତବର୍ତ୍ତୀ ଅଞ୍ଚଳରେ ସେଠାକାର ବ୍ୟବସାୟୀଙ୍କ ଦ୍ୱାରା ହଜାର ହଜାର କୃଷି ଭିତ୍ତିକ ଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ, ଶୀତଳଭଣ୍ଡାର ତଥା ଅନ୍ୟ ବ୍ୟବସାୟ ପ୍ରତିଷ୍ଠାନ ଗଢ଼ିଉଠିଛି। ଏଥିପାଇଁ ପଶ୍ଚିମବଙ୍ଗ ଅଧିବାସୀ ମାଲାମାଲ୍ ହେଉଥିବା ବେଳେ ଉତ୍ତର ବାଲେଶ୍ୱର ଅଞ୍ଚଳର ହଜାର ହଜାର ଚାଷୀ ସେମାନଙ୍କ ଫସଲର ଉପଯୁକ୍ତ ମୂଲ୍ୟ ପାଉନାହାନ୍ତି। ଫଳରେ ସମ୍ପୃକ୍ତ ଅଞ୍ଚଳର ଚାଷୀ ଚାଷରୁ ମୁହଁ ଫେରାଉଛନ୍ତି। କୃଷିଭିତ୍ତିକ ଶିଳ୍ପ ତଥା ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ପ୍ରତିଷ୍ଠା ହେଲେ ଆତ୍ମନିଯୁକ୍ତିର ସୁଯୋଗ ସୃଷ୍ଟି ହେବା ସହ ଅଞ୍ଚଳର ଅର୍ଥନୈତିକ ବିକାଶରେ ବିଶେଷ ସହାୟକ ହୁଅନ୍ତା ବୋଲି ଚାଷୀମାନେ କହିଛନ୍ତି।

## ଅବକାରୀ ବିଭାଗ ଚଢାଉ, ବିପୁଳ ପରିମାଣର ଦେଶୀ ମଦ ଜବତ



**ଆଠଗଡ଼, ନ୍ୟୁଜ ବ୍ୟୁରୋ**
ଘରେ ଚାଲିଛି ଚୋରା ଦେଶୀ ମଦ କରାବାର। କାଠ ତଳେ ରଖାଯାଇଛି ପୁଳାପୁଳା ଦେଶୀ ମଦ । ଯେତେ ଖୋଜିଲେ ସେତେ ବାହାରୁଛି। କଟକ ଜିଲ୍ଲା ତିଗିରିଆ ଥାନା ଭିରୁଡ଼ା ଓ ପଣସପାଟଣା ଗ୍ରାମରେ ଅବାଧରେ ଚାଲିଛି ଦେଶୀ ମଦ କାରବାର। ଖବର ପାଇ ଆଠଗଡ଼ ଓ କଟକ ଅବକାରୀ ବିଭାଗ ମିଳିତ ଚଢଉ କରିଛି। ୨୨୪୦ ଲିଟର ଚୋରା ଦେଶୀ ମଦ ସହ ୧୪୧୦୫ ଲିଟର ପୋଚ ଜବତ କରି ନଷ୍ଟ କରାଯାଇଛି। ଏହି ଚଢ଼ାଉରେ ୬ରୁ ଅଧିକ ବିଭାଗୀୟ ଅଧିକାରୀ ସାମିଲ ଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ଆଠଗଡ଼ ତିଗିରିଆ ଥାନା ଭିରୁଡ଼ା ଓ ପଣସପାଟଣା ଗାଁରେ ଏବେ ଦେଶୀ ମଦର କୁଟୀରେ ଶିଳ୍ପ ପାଲଟିଛି। ଏଠି ଘରେ ଘରେ ମଦ ତିଆରି ହେଉଛି। ଏଠାରେ ଦେଶୀ ମଦ ପ୍ରସ୍ତୁତ କରାଯାଇ ରାଜ୍ୟ ତଥା ରାଜ୍ୟ ବାହାରକୁ ଚୋରା ଚାଲାଣ ହେଉଛି। ଅବକାରୀ ବିଭାଗ ଚଢାଉ କରୁଥିଲେ ମଧ୍ୟ ମାଫିଆଙ୍କ ଉପରେ କୌଣସି ପ୍ରଭାବ ପଡୁନି। ଆଜିର ଏହି ଚଢ଼ାଉରେ କୌଣସି ମଦ ମାଫିଆକୁ ଧରିବାରେ ସଫଳ ହୋଇନି ଆଠଗଡ଼ ଅବକାରୀ ବିଭାଗ।

## ଡ୍ରେନ୍ ଓ ପରିମଳ ଅବ୍ୟବସ୍ଥାରେ ଲୋକେ ହନ୍ତସନ୍ତ

**ଜଟଣୀ, ନ୍ୟୁଜ ବ୍ୟୁରୋ**
ଜଟଣୀ ପୌରପାଳିକାରେ ମିନି ଇଣ୍ଡିଆ ଭାବେ ଜଣାଶୁଣା ୧୨ନମ୍ବର ୱାର୍ଡ। ଏହି ୱାର୍ଡରେ ବସ୍ତି ସଂଖ୍ୟା ଅଧିକ ଥିବା ବେଳେ ଏଠାରେ ଭାଇଚାରାର ସମ୍ପର୍କ ରହିଛି। କୌଣସି ବିବାଦ ହେଲେ ମାମଲା ଥାନାକୁ ଯାଏ ନାହିଁ, ବସ୍ତିରେ ହିଁ ସମାଧାନ ହୁଏ। ରାମଚନ୍ଦ୍ରପୁର, ବାଛରାପାଟଣା, ଗୋଡ଼ାଧର୍ମ ସାଗର ଭଳି ଅଞ୍ଚଳକୁ ନେଇ ଏହି ୱାର୍ଡ ଗଠିତ। ଏହି ୱାର୍ଡରେ କିନ୍ତୁ ବିକାଶମୂଳକ କାର୍ଯ୍ୟ ସେମିତି ଆଖିଦୃଶିଆ ହୋଇପାରିନି ବୋଲି ଅଭିଯୋଗ ହେଉଛି। ପୁରୁଣା ଟେଣ୍ଡରର ସବୁ କାମ ଶେଷ ହୋଇଯାଇଛି। ନୂଆ ଟେଣ୍ଡର ହେଇଛି, ହେଲେ ପ୍ରକଳ୍ପର କାମ ଆରମ୍ଭ ହୋଇପାରିନି। ଏହି ଅଞ୍ଚଳରେ ପରିମଳ ଓ ଡ୍ରେନ୍ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି। ପ୍ରଥମତଃ ସବୁ ରାସ୍ତାରେ ଡ୍ରେନ୍ ନାହିଁ। କିନ୍ତୁ ଯେଉଁଠି ଅଛି, ସେସବୁ




ଅଧା ବାଟରେ ବନ୍ଦ। ଫଳରେ ଡ୍ରେନ୍ ପାଣି ସଂପୂର୍ଣ୍ଣ ନିଷ୍କାସିତ ହୋଇନପାରି ଜମିରହୁଛି। ବର୍ଷା ଦିନେ ଡ୍ରେନ୍ ପାଣି ରାସ୍ତା ଉପରକୁ ମାଡ଼ି ଆସିଥାଏ। ସେହିପରି ବହୁ ସ୍ଥାନରେ ଡ୍ରେନ୍ ମୁକୁଳା ପଡ଼ିଛି। ଏଠାରେ ପ୍ରତିଦିନ ଅଳିଆ ସଫେଇ ହେଉନାହିଁ। ତେଣୁ ଗଦା ହୋଇ ରହୁଥିବା ଅଳିଆରୁ ପଚାଗନ୍ଧ ବାହାରିବା ଦ୍ୱାରା ସାଧାରଣ ଜୀବନଯାତ୍ରା ପ୍ରଭାବିତ ହେଉଛି। ଏହି ୱାର୍ଡର ସରକାରୀ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ତୁଳନାରେ ଶିକ୍ଷକ ନାହାନ୍ତି। ଶ୍ରେଣୀଗୃହର ମଧ୍ୟ ଅଭାବ ରହିଛି। ସେହିପରି ଅନେକ ସ୍ଥାନରେ ଷ୍ଟ୍ରିଟ୍ ଲାଇଟ୍ ଲାଗି ନାହିଁ। ପୁଣି କିଛି ସ୍ଥାନରେ ପାନୀୟ ଜଳଯୋଗାଣ ପହଞ୍ଚି ପାରିନଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ବାସିନ୍ଦା ନିତ୍ୟାନନ୍ଦ ସାହୁ କହିଛନ୍ତି, ବିଦ୍ୟୁତ୍ ବିଭାଗର ଖାମଖିଆଲ୍ ନୀତି ପାଇଁ ବିଭିନ୍ନ ସ୍ଥାନରେ ତାର ଝୁଲନ୍ତା ଅବସ୍ଥାରେ ରହିଛି। ଫଳରେ ଲୋକଙ୍କ ପ୍ରତି ବିପଦ ସାଜିଛି। ଆଉ କେତେକ ସ୍ଥାନରେ ରାସ୍ତା ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ହୋଇପଡ଼ିଛି। ଅନ୍ୟପଟେ ବରିଷ୍ଠ ନାଗରିକମାନେ ଯେଉଁ ମୌଳିକ ସୁବିଧା ସୁଯୋଗ ପାଇବା କଥା ତାହା ପାଇପାରୁ ନଥିବା ସେ ଅଭିଯୋଗ କରିଛନ୍ତି। ଏହା ଉପରେ କାଉନସିଲର୍ ନିଳୀମା ସ୍ୱାଇଁ କହିଛନ୍ତି, ୱାର୍ଡରେ ଅନେକ ବିକାଶମୂଳକ କାର୍ଯ୍ୟ କରାଯାଇଛି। ବାଛରା ମୁଣ୍ଡିଆ ଉପରେ ୩୪ଏକର ଜମିରେ ଏକ ମଡେଲ ପାର୍କ ନିର୍ମାଣ କାର୍ଯ୍ୟ ଚାଲୁରହିଛି। ତେବେ ୱାର୍ଡର ଭୂମିରୂପ ବଡ଼ ସମସ୍ୟା ଭାବେ ରହିଛି। କେଉଁଠି ଉଚ୍ଚା ତ କେଉଁଠି ଖାଲ ଥିବାରୁ ଡ୍ରେନ୍ ନିର୍ମାଣ ପାଇଁ ସମସ୍ୟା ହେଉଛି। ତେବେ ସେଥିପାଇଁ ସ୍ୱତନ୍ତ୍ର ନଜର ଦିଆଯାଉଛି ଏବଂ ସମାଧାନ ପାଇଁ ନକ୍ସା ତିଆରି କରାଯାଇଛି।

## ଲୁଣ ପାକିସ୍ତାନରୁ ଅଧିକ ଆମଦାନୀ କରେ ଭାରତ

**ନୂଆଦିଲ୍ଲୀ:**
ଭାରତ-ପାକିସ୍ତାନ । ପାରମ୍ପରିକ ପ୍ରତିଦ୍ୱନ୍ଦୀ। ଏବେ ଶତ୍ରୁତା ହୋଇଛି ଅଧିକ ଗଭୀର । ପହଲଗାମ ଆକ୍ରମଣକୁ ନେଇ ସାରା ଦେଶ ଅସନ୍ତୋଷ । ସୋସିଆଲ ମିଡିଆ ଠାରୁ ଆରମ୍ଭ କରି ଆକାଶପଥ ଯାଏ, ଭାରତ ପାକିସ୍ତାନକୁ ସବୁଆଡୁ କରୁଛି ବନ୍ଦ । ଏମିତିକି ବାଣିଜ୍ୟିକ ସମ୍ପର୍କ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ନେଉଛି କଡ଼ା ନିଷ୍ପତ୍ତି। ଏବେ ପ୍ରଶ୍ନ ଆସୁଛି ପାକିସ୍ତାନ ସହିତ ବାଣିଜ୍ୟ ବନ୍ଦ କରିବା ଦ୍ୱାରା ଭାରତ ଉପରେ କେତେ ପଡ଼ିବ ପ୍ରଭାବ ? ଦୁଇ ଦେଶ ମଧ୍ୟରେ କେଉଁ ଜିନିଷ ଆମଦାନୀ ଏବଂ ରପ୍ତାନି ହେଉଥିଲା ଯଦି ପାକିସ୍ତାନରୁ ରପ୍ତାନି ବନ୍ଦ ହୁଏ, ତେବେ ଭାରତରେ କେଉଁ ଜିନିଷ ହୋଇଯିବ ମହଙ୍ଗା ? ବାସ୍ତବରେ ପାକିସ୍ତାନରେ ଏପରି ଏକ ଜିନିଷ ଅଛି, ଯାହା ଉପରେ ଭାରତ ବହୁତ ନିର୍ଭରଶୀଳ। ୮୦ ପ୍ରତିଶତ ଭାରତୀୟଙ୍କ ଘରେ ଏହା ବ୍ୟବହୃତ । ଏହି ଜିନିଷ ପାକିସ୍ତାନରେ ୨-୩ ଟଙ୍କାରେ ମିଳୁଥିବା ବେଳେ ଭାରତରେ




ଏହା ଅଧିକ ଟଙ୍କା । ପାକିସ୍ତାନ ହେଉଛି ବିଶ୍ୱର ଏକ ପ୍ରମୁଖ ଦେଶ ଯେଉଁଠାରେ ସୈନ୍ଧବ ଲୁଣ ପ୍ରଚୁର ପରିମାଣରେ ମିଳେ । ସୈନ୍ଧବ ଲୁଣ, ଲାହୋରୀ ଲୁଣ, ହାଲାଇଟ୍, ଗୋଲାପୀ ଲୁଣ ଏବଂ ହିମାଳୟନ ଲୁଣ ଭଳି ନାଁରେ ପରିଚିତ ଏହି ଲୁଣ ପାକିସ୍ତାନର ପଞ୍ଜାବ ପ୍ରଦେଶରେ ପ୍ରଚୁର ପରିମାଣରେ ମିଳିଥାଏ ।

ଏଠାରେ ଖେଓ୍ୱଡା ଜିଲ୍ଲାରେ ଏକ ବିଶାଳ ଲୁଣ ଖଣି ରହିଛି । ଯାହା ବିଶ୍ୱର ଦ୍ୱିତୀୟ ବୃହତ୍ତମ ଖଣି । ଏଠାରେ ବାର୍ଷିକ ୪.୫ ଲକ୍ଷ ଟନ୍ ସୈନ୍ଧବ ଲୁଣ ବାହାରିଥାଏ । ପାକିସ୍ତାନରେ ସୈନ୍ଧବ ଲୁଣର ମୂଲ୍ୟ ବହୁତ କମ। ସେଠାରେ ଏକ କିଲୋଗ୍ରାମ ଲୁଣର ଦାମ ମାତ୍ର ୨ ରୁ ୩ ଟଙ୍କା। କିନ୍ତୁ ଭାରତରେ ଏହାର ମୂଲ୍ୟ ୫୦-୬୦ ଟଙ୍କା । ଏହାର ଦାମ୍ ଆମଦାନୀ ଖର୍ଚ୍ଚ, ପରିବହନ ଓ ବଜାର ଚାହିଦା ଉପରେ ନିର୍ଭର କରେ।

ଭାରତ ଏହି ଲୁଣର ସବୁଠାରୁ ବଡ଼ ଆମଦାନୀ ପାକିସ୍ତାନରୁ କରେ। ଯଦିଓ ଗତ କିଛି ବର୍ଷ ମଧ୍ୟରେ ଭାରତ ଅନ୍ୟ ଦେଶମାନଙ୍କଠାରୁ ମଧ୍ୟ ସୈନ୍ଧବ ଲୁଣ ଆମଦାନୀ ଆରମ୍ଭ କରିଛି, ତଥାପି ପାକିସ୍ତାନ ଏହାର ପ୍ରମୁଖ ଉତ୍ସ ହିସାବରେ ରହିଛି। ଭାରତରେ ସୈନ୍ଧବ ଲୁଣର ବ୍ୟବହାର ବିଶେଷ କରି ଉପବାସ ଓ ଧାର୍ମିକ ଅନୁଷ୍ଠାନ ସମୟରେ ଅଧିକ ହୋଇଥାଏ । ଏହା ଧାର୍ମିକ ଓ ସାଂସ୍କୃତିକ ଦୃଷ୍ଟିରୁ ମହତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ। ଆକଳନ ଅନୁଯାୟୀ, ଭାରତକୁ ସୈନ୍ଧବ ଲୁଣ ପ୍ରାୟ ୯୯.୭ ପ୍ରତିଶତ ପାକ୍‌ରୁ ଆସିଥାଏ। ଆଉ କିଛି ଛୋଟ ଆମଦାନୀ ଇରାନ, ମାଲେସିଆ, ଜର୍ମାନୀ, ଆଫଗାନିସ୍ତାନ, ତୁର୍କୀ ଏବଂ ଅଷ୍ଟ୍ରେଲିଆରୁ ହୋଇଥାଏ। ସୈନ୍ଧବ ଲୁଣ ବ୍ୟତୀତ ଭାରତ ପାକିସ୍ତାନରୁ ଶୁଷ୍କ ଫଳ, ଚମଡା ଜାତୀୟ ସାମଗ୍ରୀ, ମୁଲତାନୀ ମାଟି, ସଲଫର, ତମ୍ବା, ଫଳ, ପ୍ଲାଷ୍ଟିକ ସାମଗ୍ରୀ, ପଶମ, ଚୂନାପଥର, ଷ୍ଟିଲ ଓ ସିମେଣ୍ଟ ଆଦି ମଧ୍ୟ ଆମଦାନୀ କରେ। ତେବେ, ଏହି ସମସ୍ତ ମଧ୍ୟରେ ସୈନ୍ଧବ ଲୁଣ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ।

# ଆଇଟିଇଆର ପ୍ରୋଜେକ୍ଟରେ ଭାରତ ନିର୍ମାଣ କରୁଛି କୃତ୍ରିମ ସୂର୍ଯ୍ୟ

**ନୂଆଦିଲ୍ଲୀ:**
ଭାରତ ଏକ ଆଶାବାଦୀ ଭବିଷ୍ୟତରେ ପ୍ରବେଶ କରୁଛି, ଯେଉଁଠି ନିରନ୍ତର, ସ୍ୱଚ୍ଛ, ସୁରକ୍ଷିତ ଏବଂ ପ୍ରଦୂଷଣ-ରହିତ ଊର୍ଜ୍ଜା ପ୍ରବାହିତ ହୋଇପାରିବ । ଇନ୍ଧନର ଅଭାବ ମଧ୍ୟ ରହିବ ନାହିଁ । ବିଶ୍ୱର ସର୍ବବୃହତ ବୈଜ୍ଞାନିକ ସହଯୋଗ- ଇଣ୍ଟରନ୍ୟାସନାଲ ଥର୍ମୋନ୍ୟୁକ୍ଲିୟର ଏକ୍ସପେରିମେଣ୍ଟାଲ ରିଆକ୍ଟରରେ ଯୋଗ ଦେଇଛି ଭାରତ । ପୃଥିବୀରେ ସୂର୍ଯ୍ୟର ଊର୍ଜ୍ଜାକୁ ନକଲ କରିବା ଆଇଟିଇଆରର ଲକ୍ଷ୍ୟ । ଦକ୍ଷିଣ ଫ୍ରାନ୍ସର ସୁନ୍ଦର ପରିଦୃଶ୍ୟରେ ସ୍ଥିତ ଆଇଟିଇଆର ଭାରତ, ଆମେରିକା, ଜାପାନ, ଚୀନ୍, ରୁଷ୍ ଏବଂ ୟୁରୋପୀୟ ସଂଘର ଅନେକ ଦେଶ ସମେତ ୩୦ ରାଷ୍ଟ୍ରର ପ୍ରତିଭା ଓ ସଂସାଧନକୁ ଏକତ୍ର କରିଛି । ଏମାନଙ୍କର ଗୋଟିଏ ମିଶନ, ତାହା ହେଉଛି ପରମାଣୁ ଫ୍ୟୁଜନ୍‌ର କେନ୍ଦ୍ର ଶକ୍ତିକୁ ଉନ୍ମୁକ୍ତ କରିବା। ଏହା ହିଁ ଆମ ସୂର୍ଯ୍ୟକୁ ଶକ୍ତି ଦେଉଥିବା ମୂଳ ପ୍ରତିକ୍ରିୟା । ଫ୍ୟୁଜନ୍ ଦୁଇଟି ହାଲୁକା ପରମାଣୁ ନ୍ୟୁକ୍ଲିକୁ ଏକ ଭାରୀ ପରମାଣୁରେ ରୂପାନ୍ତରିତ କରେ। ଏହି ପ୍ରକ୍ରିୟାରେ ତାହା ବିଶାଳ ମାତ୍ରାରେ ଊର୍ଜ୍ଜା ଉତ୍ପନ୍ନ କରେ । ପରମାଣୁ ଫିଜନ୍ ବା ବିଖଣ୍ଡନଠୁ ଏହା ଭିନ୍ନ। ଏହି ପଦ୍ଧତି (ପରମାଣୁ ଫିଜନ୍) ବର୍ତ୍ତମାନ ପରମାଣୁ ପ୍ଲାଣ୍ଟ୍‌କୁ ଇନ୍ଧନ ପ୍ରଦାନ କରୁଛି ଏବଂ ବିପଦପୂର୍ଣ୍ଣ ବର୍ଜ୍ୟ ଉତ୍ପନ୍ନ କରୁଛି । କିନ୍ତୁ ଫ୍ୟୁଜନ୍ ଅପେକ୍ଷାକୃତ ସ୍ୱଚ୍ଛ ଓ ସୁରକ୍ଷିତ ବିକଳ୍ପ ଉପସ୍ଥାପନ କରେ । ତେବେ ପୃଥିବୀରେ ଏହି ଘଟଣାର ଲାଭ ଉଠାଇବା ପାଇଁ ଅସାଧାରଣ ଉତ୍ତାପ ଓ ଚାପର ପ୍ରବନ୍ଧନ ଆବଶ୍ୟକ । ଏହି ଆହ୍ୱାନର ସମାଧାନ ପାଇଁ ବୈଜ୍ଞାନିକମାନେ ଦୀର୍ଘ ଦଶନ୍ଧି ଧରି ନିରନ୍ତର କାମ କରୁଛନ୍ତି । ଆଇଟିଇଆରର କେନ୍ଦ୍ରରେ ଏକ ଶକ୍ତିଶାଳୀ ଚୁମ୍ବକ ରହିଛି। ନିକଟରେ ଏହା ନିର୍ମିତ ହୋଇଛି ଏବଂ ଆମେରିକାରେ ଏହାର ପୁଙ୍ଖାନୁପୁଙ୍ଖ



ପରୀକ୍ଷା ଶେଷ ହୋଇଛି । ଏହି ଚୁମ୍ବକ ସେଣ୍ଟ୍ରାଲ ସୋଲନଏଡ୍ ଭାବେ ପରିଚିତ । ଏ ଶ୍ରେଣୀର ସବୁଠୁ ଶକ୍ତିଶାଳୀ ଏବଂ ସବୁଠୁ ଉତ୍ତପ୍ତ ପ୍ଲାଜ୍‌ମା ଧାରଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ । ପ୍ଲାଜ୍‌ମା ଏକ ଗ୍ୟାସ୍, ଯାହା ଏତେ ଉତ୍ତପ୍ତ ଯେ ଏହାର ତାପମାତ୍ରା ୧୫ କୋଟି ଡିଗ୍ରୀ ସେଲ୍‌ସିୟସ୍‌ରୁ ଊର୍ଦ୍ଧ୍ୱରେ ପହଞ୍ଚିପାରେ। ଦୀର୍ଘକାଳୀନ ଫ୍ୟୁଜନ୍ ପାଇଁ ଏହା ଯଥେଷ୍ଟ। ଏହାର ଗୁରୁତ୍ୱକୁ ଦର୍ଶାଇବା ପାଇଁ ଆଇଟିଇଆରର ଡାଇରେକ୍ଟର ଜେନେରାଲ ପିଟ୍ରୋ ବାରାବାସ୍‌ଚି ଏକ ବାକ୍ୟାଂଶ ବ୍ୟବହାର କରି କହିଛନ୍ତି 'ୱାଇନ୍ ବୋତଲଠୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପାରେ, କିନ୍ତୁ ୱାଇନ୍‌କୁ ରଖିବା ପାଇଁ ବୋତଲ ଆବଶ୍ୟକ ।' ଏହି ବାକ୍ୟାଂଶରେ ପ୍ଲାଜ୍‌ମା ମହଙ୍ଗା ୱାଇନ୍‌କୁ ପ୍ରତିନିଧିତ୍ୱ କରୁଛି ଏବଂ ଚୁମ୍ବକ ଗୁରୁତ୍ୱପୂର୍ଣ୍ଣ ବୋତଲ ଭାବେ କାମ କରୁଛି ଯାହା ଖୁବ୍ ସତର୍କତାର ସହିତ ଅସ୍ଥିର ଫ୍ୟୁଜନ୍ ପ୍ରକ୍ରିୟାକୁ ଧାରଣ କରିଛି । ଆଇଟିଇଆର ସହିତ ଭାରତ ଯୋଡ଼ି ହେବା ଆର୍ଥିକ ପୃଷ୍ଠଭୂମିଠୁ ଊର୍ଦ୍ଧ୍ୱରେ, କାରଣ ଭାରତୀୟ ବୈଜ୍ଞାନିକ ଓ ଇଞ୍ଜିନିୟରମାନେ ଏହି ଫ୍ୟୁଜନ୍ ରିଆକ୍ଟର ପାଇଁ ଆବଶ୍ୟକ ଗୁରୁତ୍ୱପୂର୍ଣ୍ଣ ଉପକରଣଗୁଡ଼ିକର ନିର୍ମାଣରେ ସକ୍ରିୟ ରୂପେ ସାମିଲ ହୋଇଛନ୍ତି । ଏହି ସମ୍ପୃକ୍ତି ସେମାନଙ୍କୁ ବୈଶ୍ୱିକ ଶକ୍ତି ଢାଞ୍ଚାରେ ଏକ ପରିବର୍ତ୍ତନକାରୀ ଉତ୍ଥାନର ଅଗ୍ରଣୀ ସ୍ଥାନରେ ସ୍ଥାନୀତ କରିଛି । ଆଇଟିଇଆର ଯଦି ଏହାର ମହତ୍ୱାକାଂକ୍ଷୀ ଅଭିଳାଷରେ ସଫଳ ହୁଏ, ପରିଣାମ ବୈଜ୍ଞାନିକ ମାଇଲଖୁଣ୍ଟଠୁ ଆହୁରି ବିସ୍ତୃତ ହେବ । ବିଶ୍ୱ ଶକ୍ତିର ମୂଳାଧାରରେ କ୍ରାନ୍ତିକାରୀ ପରିବର୍ତ୍ତନ ଆଣିବାର ସାମର୍ଥ୍ୟ ଏହାର ଅଛି । ଏହି ଅସାଧାରଣ ପ୍ରୋଜେକ୍ଟରେ ଭାରତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବାବେଳେ ଊର୍ଜ୍ଜାର ଭବିଷ୍ୟତ ସ୍ୱଚ୍ଛ, ଉଜ୍ଜ୍ୱଳ ଏବଂ ଆଗାମି ପିଢ଼ିମାନଙ୍କ ପାଇଁ ଅଧିକ ସୁରକ୍ଷିତ କରିବାକୁ ଲକ୍ଷ୍ୟ ରହିଛି। ୨୦୨୧ ମସିହାରେ ଚୁମ୍ବକର ନିର୍ମାଣ କାର୍ଯ୍ୟ ସମ୍ପନ୍ନ ଲାଗି ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା, କିନ୍ତୁ ବିଳମ୍ବ ଯୋଗୁ ଶେଷ ହୋଇପାରିଲା ନାହିଁ । ବାରାବାସ୍‌ଚି କହିଛନ୍ତି, ସଙ୍କଟ ଏବେ ଆଉ ନାହିଁ । ଆଇଟିଇଆର ଦ୍ରୁତ ଗତିରେ ନିର୍ମାଣ କାର୍ଯ୍ୟ ଆଗକୁ ବଢ଼ାଇଛି । ପ୍ରୋଜେକ୍ଟର ଷ୍ଟାର୍ଟ-ଅପ୍ ଫେଜ୍ ୨୦୩୩ରେ ଆରମ୍ଭ କରି ପ୍ଲାଜ୍‌ମା ଉତ୍ପନ୍ନର ଯୋଜନା ରହିଛି। ଫ୍ୟୁଜନ୍ ନିବେଶ ବଢୁଥିବାବେଳେ ଏ ନେଇ ଅନେକ ପ୍ରୟାସ ଜାରି ରହିଛି। ଅନେକ ଘରୋଇ ଷ୍ଟାର୍ଟ-ଅପ୍ କହିଛନ୍ତି ଯେ ଗୋଟିଏ ଦଶନ୍ଧି ମଧ୍ୟରେ ସେମାନେ କମର୍ସିଆଲ ଫ୍ୟୁଜନ୍ ରିଆକ୍ଟର ନିର୍ମାଣ କରିପାରିବେ । ଭାରତ ଏହି ପ୍ରୋଜେକ୍ଟରେ ୨୦୦୫ ମସିହାରେ ଯୋଗ ଦେଇଥିଲା । ଏବେ ପ୍ରୋଜେକ୍ଟର ଡେଲିଭରୀ, ବୈଜ୍ଞାନିକ ଅନୁସନ୍ଧାନ ଓ ଆର୍ଥିକ ଯୋଗଦାନ ଭଳି କାର୍ଯ୍ୟରେ ଦେଶ ନିଜର ଯୋଗଦାନ ଜାରି ରଖିଛି ।

## ବନ୍ଦ ହେବ ୧୫ଟି ଗ୍ରାମୀଣ ବ୍ୟାଙ୍କ

**ନୂଆଦିଲ୍ଲୀ :**
କେନ୍ଦ୍ର ସରକାରଙ୍କ 'ଏକ ରାଜ୍ୟ, ଏକ ଗ୍ରାମୀଣ ବ୍ୟାଙ୍କ' ନୀତି । ୧୫ଟି ଗ୍ରାମୀଣ ବ୍ୟାଙ୍କ ବନ୍ଦ ହେବାକୁ ଯାଉଛି ! ବ୍ୟାଙ୍କିଙ୍ଗ ସେବାକୁ ଅଧିକ ମଜବୁତ ଓ ପ୍ରଭାବଶାଳୀ କରିବା ଲକ୍ଷ୍ୟରେ ଏଭଳି ନିଷ୍ପତ୍ତି ନେଇଛନ୍ତି କେନ୍ଦ୍ର ସରକାର। କେନ୍ଦ୍ର ସରକାରଙ୍କ 'ଏକ ରାଜ୍ୟ, ଏକ ଗ୍ରାମୀଣ ବ୍ୟାଙ୍କ' ନୀତି ଅନୁସାରେ, ଦେଶର ୧୫ଟି ଗ୍ରାମୀଣ ବ୍ୟାଙ୍କ ବନ୍ଦ ହେବାକୁ ଯାଉଛି । ଏହି ବ୍ୟାଙ୍କଗୁଡ଼ିକୁ ଅନ୍ୟ ଗ୍ରାମୀଣ ବ୍ୟାଙ୍କ ସହିତ ମିଶ୍ରଣ କରାଯିବ । ଫଳରେ ଦେଶରେ ଗ୍ରାମୀଣ ବ୍ୟାଙ୍କର ସଂଖ୍ୟା ୪୩ରୁ ହ୍ରାସ ପାଇ ୨୮କୁ ଖସିବ । ସୂଚନାନୁସାରେ, ଏହି ୧୫ଟି ଗ୍ରାମୀଣ ବ୍ୟାଙ୍କ ଅନ୍ୟ ବ୍ୟାଙ୍କ ସହିତ ମିଶ୍ରଣ ହେବ । ଏଥିରେ ଆନ୍ଧ୍ରପ୍ରଦେଶ ଗ୍ରାମୀଣ ବ୍ୟାଙ୍କ, ଉତ୍ତରପ୍ରଦେଶ ଗ୍ରାମୀଣ ବ୍ୟାଙ୍କ, ବରୋଦା ଗ୍ରାମୀଣ ବ୍ୟାଙ୍କ, ପଶ୍ଚିମବଙ୍ଗ ଗ୍ରାମୀଣ ବ୍ୟାଙ୍କ ଏବଂ ଗୁଜରାଟର ଦୁଇଟି ଗ୍ରାମୀଣ ବ୍ୟାଙ୍କ ସାମିଲ ରହିଛି । ପ୍ରତ୍ୟେକ ରାଜ୍ୟରେ ଏକ ଗ୍ରାମୀଣ ବ୍ୟାଙ୍କ ରହିବାକୁ ଯୋଜନା କରାଯାଇଛି, ଯାହା ସେହି ରାଜ୍ୟର ସମସ୍ତ ଗ୍ରାମୀଣ ବ୍ୟାଙ୍କକୁ ଏକତ୍ରିତ କରିବ । ସରକାରୀ ସୂତ୍ର ଅନୁସାରେ, ଗ୍ରାହକଙ୍କ ଟଙ୍କା ସମ୍ପୂର୍ଣ୍ଣ ସୁରକ୍ଷିତ ରହିବ । ଏହି ମିଶ୍ରଣ ପ୍ରକ୍ରିୟାରେ ଗ୍ରାହକଙ୍କ ଆକାଉଣ୍ଟ, ଜମା ରାଶି, ଋଣ ଓ ଅନ୍ୟାନ୍ୟ ସେବା ନୂଆ ମିଶ୍ରିତ ବ୍ୟାଙ୍କକୁ ସ୍ଥାନାନ୍ତର ହେବ । ଗ୍ରାହକଙ୍କୁ କୌଣସି ଆର୍ଥିକ କ୍ଷତି ହେବ ନାହିଁ । ବ୍ୟାଙ୍କ ଶାଖାଗୁଡ଼ିକର ସଂଖ୍ୟାରେ କୌଣସି ହ୍ରାସ ହେବ ନାହିଁ ବରଂ ଡିଜିଟାଲ ବ୍ୟାଙ୍କିଙ୍ଗ ଓ ଗ୍ରାହକ ସେବାରେ ଉନ୍ନତି ହେବ । କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତି ଗ୍ରାମୀଣ ବ୍ୟାଙ୍କଗୁଡ଼ିକର ଆର୍ଥିକ ଦୃଢ଼ତା ବୃଦ୍ଧି କରିବା ଓ ସେବାର ଗୁଣବତ୍ତା ଉନ୍ନତ କରିବା ଲକ୍ଷ୍ୟ ରଖିଛି । ବ୍ୟାଙ୍କଗୁଡ଼ିକର ଡିଜିଟାଲ ଓ ଗ୍ରାହକ ସେବା ଅବସଂରଚନା ଅଧିକ ମଜବୁତ ହେବ । ଗ୍ରାହକମାନେ ଅଧିକ ଆଧୁନିକ ବ୍ୟାଙ୍କିଂ ସୁବିଧା ପାଇବେ, ଯେପରିକି ମୋବାଇଲ ବ୍ୟାଙ୍କିଙ୍ଗ, ଇଣ୍ଟରନେଟ ବ୍ୟାଙ୍କିଙ୍ଗ ଓ ଏଟିଏମ ସେବା । ଏକତ୍ରିତ ବ୍ୟାଙ୍କଗୁଡ଼ିକ ଆର୍ଥିକ ଦୃଷ୍ଟିରୁ ଅଧିକ ସକ୍ଷମ ହେବେ, ଯାହା ଗ୍ରାମାଞ୍ଚଳରେ ଋଣ ଓ ଅନ୍ୟାନ୍ୟ ସେବା ପ୍ରଦାନରେ ସହାୟକ ହେବ ।



# ରାଜ୍ୟରେ ଚାଲିଛି ଅଗ୍ନିବର୍ଷା:ଜନଜୀବନ ବିପର୍ଯ୍ୟସ୍ତ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ପାରଦ ଉପରମୁହାଁ ହୋଇଛି। ଖରାରେ ସିଝୁଛି ସାରା ରାଜ୍ୟ। ଆଭ୍ୟନ୍ତରୀଣ ଓଡ଼ିଶାରେ ସର୍ବାଧିକ ତାପମାତ୍ରା ବଢ଼ିଛି। ଉପକୂଳବର୍ତ୍ତୀ ଜିଲ୍ଲାଗୁଡିକ ମଧ୍ୟରୁ କିଛି ସ୍ଥାନରେ ଦିନ ତାପମାତ୍ରା ବୃଦ୍ଧି ପାଇଛି କିନ୍ତୁ ବାୟୁମଣ୍ଡଳରେ ଆର୍ଦ୍ରତା ପରିମାଣ ଅଧିକ ରହିବା ହେତୁ ପ୍ରବଳ ଗରମ ଓ ଗୁଳୁଗୁଳି ଅନୁଭୂତ ହୋଇଛି। ରବିବାର ରାଜ୍ୟର ସର୍ବାଧିକ ତାପମାତ୍ରା ସମ୍ବଲପୁରରେ ୪୩.୨ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଟିଟିଲାଗଡ଼ ୪୨.୫ ଏବଂ ବଲାଙ୍ଗିରରେ ୪୨ ଡିଗ୍ରୀ ଛୁଇଁଛି। କେବଳ ସମ୍ବଲପୁର ଓ ଟିଟିଲାଗଡ଼ରେ ନୁହେଁ, ବରଂ ଭୁବନେଶ୍ୱରରେ ପ୍ରଥମ କରି ଚଳିତ ବର୍ଷର ସର୍ବାଧିକ ତାପମାତ୍ରା ୪୦.୭ ଡିଗ୍ରୀ ରେକର୍ଡ ହୋଇଛି। ଏହା ପୂର୍ବରୁ ମେ' ୧୦ ଏବଂ ମାର୍ଚ୍ଚ ୨୮ ତାରିଖ ଦିନ ରାଜଧାନୀରେ ଦିନ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିଲା। ରାଜ୍ୟରେ ୧୯ଟି ଅଞ୍ଚଳରେ ସର୍ବାଧିକ ତାପମାତ୍ରା ୪୦ ଡିଗ୍ରୀ ଟପିଛି। ଅନୁଗୋଳରେ ୪୧.୭ ଡିଗ୍ରୀ ଥିବାବେଳେ ବାରିପଦା ୪୦.୪, ଝାରସୁଗୁଡା ୪୧.୬, ସୁନ୍ଦରଗଡ ୪୧.୮, ହୀରାକୁଦ ୪୧.୬, ଭବାନୀପାଟଣା ୪୦.୬, ସୁବର୍ଣ୍ଣପୁର ୪୧.୪, ନୟାଗଡ଼ ଓ ନୂଆପଡ଼ାରେ ୪୦, ବୌଦ୍ଧ ୪୧.୨, ପାରଳାଖେମୁଣ୍ଡି ୪୧.୨, ଢେଙ୍କାନାଳ ୪୦.୭, ବରଗଡ଼ ୪୦.୪, ଖୋର୍ଦ୍ଧା ୪୦.୫, ରାଉରକେଲା ୪୦.୪ ଏବଂ କଟକରେ ୩୯.୪ ଡିଗ୍ରୀ ରହିଛି। ପୂର୍ବାହ୍ଣ ସାଢେ ୧୦ଟାରୁ ତାତି ବଢ଼ିଥିଲା। ମଧ୍ୟାହ୍ନରେ ଖରା ପ୍ରକୋପ ଅଧିକ ରହିବା ଦ୍ୱାରା ଗରମ ସହିତ ଗୁଳୁଗୁଳି ଅନୁଭୂତ ହୋଇଛି। ଅପରାହ୍ଣ ୪ଟା ପର୍ଯ୍ୟନ୍ତ ତାତି ଲାଗି ରହିଥିଲା। ଉପକୂଳବର୍ତ୍ତୀ ଜିଲ୍ଲାଗୁଡିକ ଅପେକ୍ଷା ପଶ୍ଚିମାଞ୍ଚଳରେ ତାତି ଅଧିକ ରହିଥିଲା। ପାଣିପାଗ ବିଭାଗର ପୂର୍ବାନୁମାନ, ଆସନ୍ତା ୩ ଦିନ ମଧ୍ୟରେ ରାଜ୍ୟର ସର୍ବାଧିକ ତାପମାତ୍ରା ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିବ। ପରବର୍ତ୍ତୀ ସମୟରେ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ଆସିବାର ସମ୍ଭାବନା ନାହିଁ। ହେଲେ ଭୁବନେଶ୍ୱର, ଢେଙ୍କାନାଳ, ବରଗଡ଼, ନୂଆପଡ଼ା, ଖୋର୍ଦ୍ଧା, ରାଉରକେଲା, ସୁବର୍ଣ୍ଣପୁର, ନୟାଗଡ଼, ବୌଦ୍ଧ, ପାରଳାଖେମୁଣ୍ଡି, ଯାଜପୁର, ଟିଟିଲାଗଡ଼, ବାଲେଶ୍ୱର, ଚାନ୍ଦବାଲି, କଟକ, ଅନୁଗୋଳ, ବାରିପଦା, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, ଭବାନୀପାଟଣା ଏବଂ ବଲାଙ୍ଗିର ଜିଲ୍ଲାରେ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରହିପାରେ। ଉପକୂଳବର୍ତ୍ତୀ ଜିଲ୍ଲାଗୁଡିକର ବାୟୁମଣ୍ଡଳରେ ଆର୍ଦ୍ରତା ପରିମାଣ ଅଧିକ ରହିବା ସମ୍ଭାବନା ଥିବାରୁ ପ୍ରବଳ ଗରମ ଅନୁଭୂତ ହେବାନେଇ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମୟୂରଭଞ୍ଜ ଏବଂ କେନ୍ଦୁଝର ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଦିଆଯାଇଛି। ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ବଲାଙ୍ଗିର, ନୂଆପଡ଼ା, ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, କେନ୍ଦୁଝର, ରାୟଗଡ଼ା, ଗଜପତି, ସମ୍ବଲପୁର, ସୁବର୍ଣ୍ଣପୁର, ବୌଦ୍ଧ, ଅନୁଗୋଳ, କଳାହାଣ୍ଡି ଏବଂ ଦେବଗଡ଼ ଜିଲ୍ଲାକୁ କାଳବୈଶାଖୀର ସମ୍ଭାବନା ରହିଥିବା ନେଇ ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି।



## ଜମି ମାଫିଆ ସକ୍ରିୟ:ଜଙ୍ଗଲ ଜମିରେ ରାସ୍ତା ନିର୍ମାଣ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ନରଣପୁର ଠାରୁ ଡିମ୍ବୋ ଯାଇଥିବା ମୁଖ୍ୟ ରାସ୍ତା ପାର୍ଶ୍ୱରେ ଏବେ କିଛି ଜମି ମାଫିଆ ସକ୍ରିୟ ହୋଇ ପ୍ଲଟିଙ୍ଗ କରି ଜମି ବିକ୍ରୟ କରୁଥିବା ଦେଖାଯାଉଛି। ଏହି ଜମି ବିକ୍ରୟ ବେଳେ ମାଫିଆମାନେ ଜଙ୍ଗଲ ଜମି ଉପରେ ରାସ୍ତା ପକାଇ ବିକ୍ରି କରୁଥିବା କିଛି ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ସୂଚନା ଅନୁସାରେ ରାସ୍ତାପାର୍ଶ୍ୱରେ ଜଙ୍ଗଲ ଜମି ଥିବାବେଳେ କିଣୁଥିବା ଲୋକେ ଏହି ଜମିକୁ ଜବରଦଖଲ କରି ପାଚେରୀ କରୁଥିବା ଦେଖାଯାଉଛି। ଏପରିକି କିଛି କ୍ରେତା ଏହି ଜଙ୍ଗଲ ଜମି ଉପରେ ବିଶାଳ ପାଚେରୀ ମଧ୍ୟ ଠିଆ କରିସାରିଲେଣି। ବନବିଭାଗର ନିଷ୍କ୍ରିୟତା ଓ ପ୍ରକୃତ ସର୍ବେକ୍ଷଣ ଅଭାବରୁ ଏପରି ଜବରଦଖଲ ହେଉଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ଗ୍ରାମ ପାର୍ଶ୍ୱରୁ ଏହି ଜମିକୁ ରାସ୍ତା ନକରି ଜଙ୍ଗଲ ଜମି ଉପରେ ରାସ୍ତା ତିଆରି କରି ପରେ ଏହାକୁ ଜବରଦଖଲ କଲେ ଅଧିକ ପରିସୀମା ମିଳିପାରିବା ଲକ୍ଷ୍ୟରେ ଅନେକ ରାସ୍ତାକଡ଼ ଜମି ଅଧିକ ଦରରେ କିଣୁଥିବା ଦେଖିବାକୁ ମିଳିଛି। ବନ ବିଭାଗ ପକ୍ଷରୁ ସୀମା ନିର୍ଦ୍ଧାରଣ କରି ତୁରନ୍ତ ପ୍ରତିରୋଧ ନକଲେ ଆଗାମୀ ଦିନରେ ଏହି ଅଧିଗ୍ରହଣ ହଟାଇବାକୁ ସମସ୍ୟା ସୃଷ୍ଟି ହେବ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି।

# ମରାମତି ଅଭାବରୁ ଭୁଶୁଡ଼ିଲା ସେତୁ:ଯାତାୟାତ ଠପ୍

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ସତ୍ୟଭାମାପୁର-ଭିଙ୍ଗାରପୁର ରାସ୍ତାରେ ବଇଁଚୁଆ ଜଟେଶ୍ୱର ନିକଟରେ ଥିବା ସେତୁଟି ସକାଳ ପ୍ରାୟ ୧୦ଟା ବେଳେ ଭୁଶୁଡ଼ି ପଡ଼ିଛି। ଫଳରେ ଏହି ରାସ୍ତାରେ ଯାତାୟାତ ଠପ୍ ହୋଇଯାଇଛି। ପୂର୍ତ୍ତ ବିଭାଗକୁ ବାରମ୍ୱାର ଅଭିଯୋଗ କରିବା ସତ୍ତ୍ୱେ ଦୀର୍ଘ ବର୍ଷ ଧରି ମରାମତି ନହେବାରୁ ଏଭଳି ସ୍ଥିତି ଉପୁଜିଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସକାଳେ ଉକ୍ତ ସେତୁ ଉପର ଦେଇ ଏକ ଟ୍ରକ୍ ଅତିକ୍ରମ କରୁଥିବା ବେଳେ ଏହି ଅଘଟଣ ଘଟିଥିଲା। କିନ୍ତୁ ସେ ଭାଗ୍ୟକୁ ଟ୍ରକ୍‌ଟି ସେତୁ ଅତିକ୍ରମ କରିସାରିଥିଲା। ଫଳରେ ଟ୍ରକ୍ ଚାଳକ ବର୍ତ୍ତି ଯାଇଥିଲେ।



ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ ଏହି ରାସ୍ତା ଦେଇ ଭିଙ୍ଗାରପୁର, ବଇଁଚୁଆ, ପ୍ରତାପରୁଦ୍ରପୁର, କାକରୁଦ୍ରପୁର, ଅଡ଼ଶପୁର ଓ କଣ୍ଟାପଡ଼ା ଆଦି ଅଞ୍ଚଳର ଲୋକେ ରାଜଧାନୀକୁ ଯାତାୟାତ କରନ୍ତି। ସେତୁଟି ଜରାଜୀର୍ଣ୍ଣ ଅବସ୍ଥାକୁ ଆସିଯାଇଥିଲା। ତେଣୁ ଯେ କୌଣସି ସମୟରେ ଏହା ଭୁଶୁଡ଼ି ପଡ଼ିବ ବୋଲି ଆଶଙ୍କା ଥିଲା। ତେଣୁ ସ୍ଥାନୀୟ ଲୋକେ ବାରମ୍ୱାର ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଥିଲେ ଏବଂ ତୁରନ୍ତ ମରାମତି କରାଇବାକୁ ଦାବି କରିଆସୁଥିଲେ। କିନ୍ତୁ ବିଭାଗୀୟ ଅଧିକାରୀମାନଙ୍କର ଏଥିପ୍ରତି ନିଘା ନଥିଲା। ଶେଷରେ ଲୋକଙ୍କ ଆଶଙ୍କା ସତ ହେଲା ଏବଂ ଏହି ରାସ୍ତାରେ ଚଳାଚଳ ବନ୍ଦ ହୋଇଯାଇଛି। ଏନେଇ ପୂର୍ତ୍ତ ବିଭାଗକୁ ଅବଗତ କରାଯାଇଛି। ତୁରନ୍ତ ସେତୁ ନିର୍ମାଣ କରାନଗଲେ, ଲୋକେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସରପଞ୍ଚ ରଶ୍ମିତା ସାହୁ କହିଛନ୍ତି।

# ପ୍ରଖ୍ୟାତ ଓଡ଼ିଶୀ ନୃତ୍ୟଶିଳ୍ପୀ କୁମ୍‌କୁମ୍ ମହାନ୍ତିଙ୍କୁ "ମଦର ସମ୍ମାନ ସମାରୋହ-୨୦୨୫" ପ୍ରଦାନ




**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ସାମାଜିକ ଅନୁଷ୍ଠାନ 'ମଦର' ପକ୍ଷରୁ 'ମଦର ସମ୍ମାନ ସମାରୋହ-୨୦୨୫' ଜୟଦେବ ଭବନରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତଜ୍ଞ ଶ୍ୟାମାମଣି ଦେବୀ, ମୁଖ୍ୟବକ୍ତା ଲେଖକ ଅଜୟ ସ୍ୱାଇଁ, ସମ୍ମାନିତ ଅତିଥି ବରିଷ୍ଠ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଶରତ ଚନ୍ଦ୍ର ଭଦ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରଖ୍ୟାତ ଓଡ଼ିଶୀ ନୃତ୍ୟଶିଳ୍ପୀ କୁମକୁମ୍ ମହାନ୍ତିଙ୍କୁ 'ମଦର ସମ୍ମାନ-୨୦୨୫' ପ୍ରଦାନ କରାଯାଇଥିଲା। ଏଥିସହିତ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ସାଧନା ପାଇଁ ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତି, ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ସୁଚିତ୍ରା ମିଶ୍ର, ଲକ୍ଷ୍ମୀ ଚାନ୍ଦ, ଶିକ୍ଷା ସଂସ୍କାରକ ସବିତା ମହାପାତ୍ର, ସମାଜସେବୀ ଲକ୍ଷ୍ମଣ ମଲ୍ଲିକ ଓ ସାମ୍ବାଦିକ ଜ୍ଞାନ ରଞ୍ଜନ ଦାସଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହିତ ଅନୁଷ୍ଠାନର ମାସିକ ନ୍ୟୁଜ୍‌ଲେଟର 'ମଦର ଜମ' ଉନ୍ମୋଚିତ ହୋଇଥିଲା। ପ୍ରାରମ୍ଭରେ 'ଆନ୍ତର୍ଜାତିକ ମାତୃ ଦିବସ' ଅବସରରେ ସ୍କୁଲ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପିଲାମାନେ ନିଜ ନିଜ ମା'ଙ୍କ ଚିତ୍ର ଅଙ୍କନ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧକ୍ଷ ଶରତ କୁମାର ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଓମ୍ ପ୍ରସାଦ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ଶକ୍ତି ମହାପାତ୍ର, ତନିଷା ପାଣି, ନିଶିଗନ୍ଧା ନନ୍ଦ, ଜ୍ୟୋତିର୍ମୟୀ ତ୍ରିପାଠୀ, ସୁଧାଂଶୁବାଳା ସାହୁ ଓ କୁନି କଳାକାର ପିଓନାଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକମାନେ ଉପଭୋଗ କରିଥିଲେ। ସମ୍ପାଦିକା ସସ୍ମିତା ଦାସ ଧନ୍ୟବାଦ ଦେଇଥିଲେ। ଅନୁଷ୍ଠାନର ମୁଖ୍ୟ ପରିଚାଳକ ପ୍ରମୋଦ କୁମାର ଦାସଙ୍କ ତତ୍ତ୍ୱାବଧାନରେ କର୍ମକର୍ତ୍ତା ପ୍ରଶାନ୍ତ ରାଉତରାୟ, ମଣ୍ଟୁ ମଲ୍ଲିକ, ଦୀପ୍ତିଶ୍ରୀ ନାୟକ, ନବକାନ୍ତି ମାଝି, ଲଗ୍ନଜିତା ପରିଡ଼ା, ରବୀନ୍ଦ୍ର ସାହୁ, ଆଲୋକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ପୂରବୀ ଶତପଥୀ ମଞ୍ଚ ପରିଚାଳନା କରିଥିଲେ।

# ସାତ ହଜାର ଟଙ୍କାର ଶହେ ଟଙ୍କିଆ ଜାଲ୍ ନୋଟ୍ ଜବତ:ଯୁବକ ଗିରଫ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ଗ୍ରାମାଞ୍ଚଳ ଥାନା ପୋଲିସ ଜାଲ୍ ନୋଟ୍ କାରବାର କରୁଥିବା ଅଭିଯୋଗରେ ଜଣେ ଯୁବକକୁ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି। ଯୁବକଙ୍କ ନାମ ମାନସ ସାହୁ। ତାଙ୍କ ଘର ଅର୍ଣ୍ଣପାଳ ଅଞ୍ଚଳରେ। ଶନିବାର ମାନସ ଅନ୍ୟ ଜଣକ ସହ ସ୍ଥାନୀୟ ଆନନ୍ଦ ବଜାରର ଏକ ଲେଡିଜ୍ କର୍ଣ୍ଣରରୁ ପ୍ରସାଧନ ସାମଗ୍ରୀ କିଣି ୨୦୦ ଟଙ୍କିଆ ନୋଟ୍ ଦେଇଥିଲେ। ଦୋକାନୀ ତାଙ୍କୁ ସାମଗ୍ରୀ ମୂଲ୍ୟ ୭୫ ଟଙ୍କା ରଖି ୧୨୫ ଟଙ୍କା ଫେରାଇ ଦେଇଥିଲେ। ପରେ ମାନସ ପୁଣି ଏକ ୨ ଶହ ଟଙ୍କିଆ ନୋଟ୍ ଦେଇ ଖୁଚୁରା ଦେବାକୁ କହିଥିଲେ। ଟଙ୍କାଟି ହାତକୁ ଅଡୁଆ ଲାଗିବାରୁ ଦୋକାନୀ ସେଇଟା ଅସଲି କି ନକଲି ଜାଣିବା ଲାଗି ପାଖ ଦୋକାନୀଙ୍କୁ ଦେଖାଇଥିଲେ। ମାନସଙ୍କ ହାବଭାବ ସନ୍ଦେହଜନକ ହେବାରୁ ସ୍ଥାନୀୟ ଲୋକେ ତାଙ୍କୁ ଘେରିଯାଇ ପଚରାଉଚରା କରିଥିଲେ। ଏହି ସମୟରେ ମାନସଙ୍କ ସହିତ ବାଇକ୍‌ରେ ଆସିଥିବା ଅନ୍ୟ ଜଣେ ଯୁବକ ସେଠାରୁ କୌଶଳକ୍ରମେ ଖସିଯାଇଥିଲା। ହେଲେ ମାନସକୁ ଲୋକେ ଅଟକ ରଖିଥିଲେ। ଖବରପାଇ ଗୁଜିଦରଡା ଫାଣ୍ଡି ପୋଲିସ ପହଞ୍ଚି ଥାନାକୁ ନେଇ ପଚରାଉଚରା କରିଥିଲା। ମାନସ ନିକଟରୁ ୭ ହଜାର ୧୦୦ ଟଙ୍କା ଜାଲ୍ ନୋଟ୍ ପୋଲିସ ଉଦ୍ଧାର କରିଛି। ତହିଁରେ ୨୫ଟି ଦୁଇ ଶହ ଟଙ୍କିଆ ଓ ୪ଟି ପାଞ୍ଚ ଶହ ଟଙ୍କିଆ ଓ ଗୋଟିଏ ଶହେ ଟଙ୍କିଆ ନୋଟ୍ ରହିଛି। ତେବେ ଏହି କାରବାରରେ ଏକାଧିକଙ୍କ ସମ୍ପୃକ୍ତି ରହିଛି। ପୂରା ରାକେଟ୍‌କୁ ଠାବ କରିବା ଲାଗି ପୋଲିସ ଉଦ୍ୟମ ଚଳାଇଛି। ଗ୍ରାମାଞ୍ଚଳ ଥାନା ପୋଲିସର ଏକ ସ୍ୱତନ୍ତ୍ର ଦଳ ମାନସକୁ ସାଥିରେ ନେଇ ଯାଜପୁର ଜିଲ୍ଲାର ଏକାଧିକ ସ୍ଥାନକୁ ଯାଇ ତଦନ୍ତ କରିଛି। ତଦନ୍ତରେ ବାଧା ଆଶଙ୍କା କରି ପୋଲିସ ଅଧିକ ତଥ୍ୟ ଦେବାକୁ ଅମଙ୍ଗ ହୋଇଛି। ଖୁବ୍‌ଶୀଘ୍ର କାରବାରରେ ସମ୍ପୃକ୍ତ ରାକେଟ୍ ଠାବ ହେବ ବୋଲି କୁହାଯାଇଛି।

## ପାନୀୟ ଜଳ ଯୋଗାଣ ପାଇଁ ସମୀକ୍ଷା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ଭୟଙ୍କର ତାତିରେ ଜିଲ୍ଲାସାରା ପାନୀୟ ଜଳ ସଙ୍କଟ ଦେଖାଦେଇଛି। ଏହାର ମୁକାବିଲା ପାଇଁ ଭାରପ୍ରାପ୍ତ ଜିଲ୍ଲାପାଳ ତଥା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତିଙ୍କ ଅଧକ୍ଷତାରେ ଏକ ସମୀକ୍ଷା ବୈଠକ ଜିଲ୍ଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଓ ସମସ୍ତ ବ୍ଲକର ଜେଇ, ଜନସ୍ୱାସ୍ଥ୍ୟ ବିଭାଗର ନିର୍ବାହୀ ଅଧିକାରୀ ପ୍ରମୁଖ ଅଂଶ ଗ୍ରହଣ କରି କାର୍ଯ୍ୟକ୍ରମ ଚୂଡାନ୍ତ କରିଥିଲେ। ଜଳକଷ୍ଟ ଭୋଗୁଥିବା ଅଞ୍ଚଳ ମାନଙ୍କରେ ଥିବା ପୁରୁଣା ନଳକୂପ ଗୁଡ଼ିକର ମରାମତି କରିବା ଓ ଆବଶ୍ୟକ ସ୍ଥଳେ ନୂଆ ନଳକୂପ ବସାଇବା, ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦେବା ପାଇଁ ବୈଠକରେ ନିଷ୍ପତି ନିଆଯାଇଛି।

## ଭାଲୁ ଆକ୍ରମଣରେ ଜଣେ ଗୁରୁତର

**ରାଇଘର, ନ୍ୟୁଜ୍ ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲା ବ୍ଲକ ନାକଟିସିମୋଡା ରାଇଘର ପଞ୍ଚାୟତର ନେଏନପାରା ନିକଟରେ ଜଣେ ସାଇକେଲ ଆରୋହୀ ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ଗୁରୁତର ଜଣଙ୍କ ନାକଟିସିମୋଡା ଗ୍ରାମର ରାଇସିଂ ଗଣ୍ଡ ଏବଂ ତାଙ୍କୁ ହାଟଭରଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ରାଇସିଂ ଗଣ୍ଡ ସକାଳେ ସାଇକେଲ ଯୋଗେ ଘରୁ ବାହାରି ହାତୀଗାଁ ଯାଉଥିଲେ ତେବେ ନେଏନପାରା ନିକଟରେ ହଠାତ୍ ୩ଟି ଭାଲୁ ତାଙ୍କୁ ଆକ୍ରମଣ କରିଥିଲେ। ରାଇସିଂଙ୍କ ଶରୀରର ବିଭିନ୍ନ ସ୍ଥାନରେ ଭାଲୁ କାମୁଡ଼ିବା ସହ ନଖରେ ବିଦାରି ଦେଇଥିଲେ। ରାଇସିଂ ଧୈର୍ଯ୍ୟ ନହରାଇ ୩ ଭାଲୁଙ୍କ ସହିତ କିଛି ସମୟ ଧରି ଲଢେଇ କରିବା ସହ ସେଠାରୁ ଖସି ଯିବାରେ ସକ୍ଷମ ହୋଇଥିଲେ। ନିକଟସ୍ଥ ଜନଗହଳିକୁ ଚାଲିଯିବା ପରେ କିଛି ଲୋକ ରାଇସିଂଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ହାଟଭରାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ରାଇସିଂ ସୁସ୍ଥ ଥିବା ଜଣାପଡ଼ିଛି।

# ସାମାଜିକ କଲ୍ୟାଣ ପାଇଁ ପ୍ରଯୁକ୍ତି ବିଦ୍ୟା ଉପଯୋଗ କରିବାକୁ ରାଜ୍ୟପାଳଙ୍କ ଆହ୍ୱାନ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ସମାବେଶୀ ଅଭିବୃଦ୍ଧି, ପରିବେଶଗତ ସ୍ଥିରତା ଏବଂ ସାମାଜିକ କଲ୍ୟାଣ ପାଇଁ ପ୍ରଯୁକ୍ତିବିଦ୍ୟାର ଉପଯୋଗ କରିବାକୁ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି ଆହ୍ୱାନ୍ ଜଣାଇଛନ୍ତି। ରବିବାର ଭୁବନେଶ୍ୱର ଠାରେ "ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ" ଏବଂ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରସ୍ (ଭାରତ)ର ୬୪ତମ ବୈଷୟିକ ଅଧିବେଶନକୁ ମୁଖ୍ୟ ଅତିଥି ଭାବେ ଉଦ୍‌ଘାଟନ କରି ରାଜ୍ୟପାଳ ଏହା କହିଛନ୍ତି। ଏହି ସମାରୋହରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ ଆମ ଜାତୀୟ କ୍ୟାଲେଣ୍ଡରରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏହି ଦିନଟି ଭାରତର ଉଲ୍ଲେଖନୀୟ ଯାତ୍ରାର ଗର୍ବର ସ୍ମରଣକାରୀ ଭାବେ ପରିଚିତ ହୋଇଛି। ଯାହା ସାହସ, ନବସୃଜନ ଏବଂ ଉତ୍କର୍ଷତାର ଏକ ନିରନ୍ତନର ପ୍ରୟାସ। ୧୯୯୮ ମସିହାର ଏହି ଦିନ, ୧୧ ମଇରେ ଭାରତ ରାଜସ୍ଥାନର ପୋଖରାଣରେ ଅପରେସନ୍ ଶକ୍ତି ନାମରେ ସଫଳ ପରମାଣୁ ପରୀକ୍ଷଣ କରିଥିଲା। ଏହା ଭାରତକୁ ପରମାଣୁ-ସଶସ୍ତ୍ର ରାଷ୍ଟ୍ରଗୁଡ଼ିକର ଆଭିଜାତ୍ୟ ଗୋଷ୍ଠୀ ମଧ୍ୟରେ ସ୍ଥାନିତ କରିଥିଲା। ଏହି ସଫଳତାକୁ ସମ୍ମାନ ଜଣାଇ ପ୍ରତିବର୍ଷ ଏହି ଐତିହାସିକ ଘଟଣା ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ ଭାବରେ ପାଳନ କରାଯାଏ। ଜାତୀୟ ପ୍ରଯୁକ୍ତି ବିଦ୍ୟା ଦିବସ କେବଳ ଆମର ବୈଜ୍ଞାନିକ ସଫଳତା ପ୍ରତି ସମ୍ମାନ ନୁହେଁ – ଏହା ସ୍ୱପ୍ନ ଦେଖିବା, ନବସୃଜନ, ପ୍ରତ୍ୟେକ ଚ୍ୟାଲେଞ୍ଜକୁ ସାମ୍ନା କରିବା ଏବଂ ନେତୃତ୍ୱ ନେବା ପାଇଁ ଆମର ସାମୂହିକ ଭାବନାର ପୁନର୍ନିର୍ମାଣ। ଆଜି ଯେତେବେଳେ ଆମେ ଏକ ପରିବର୍ତ୍ତନଶୀଳ ଯୁଗର ଦ୍ୱାରଦେଶରେ ଛିଡା ହୋଇଛୁ, ପ୍ରଯୁକ୍ତିବିଦ୍ୟାର ଗୁରୁତ୍ୱ ଆହୁରି ବଢ଼ି ଯାଇଛି। ଏହା ଏକ ନୂତନ ଭାରତର ଆକାଂକ୍ଷା ପଛରେ ପ୍ରେରଣାଦାୟକ ଶକ୍ତି ହୋଇ ରହିଛି। ଭାରତ ଏକ ନୂତନ ପୁନର୍ଜାଗରଣର ପାର୍ଶ୍ୱରେ ଠିଆ ହୋଇଛି। ଏପରି ଏକ ଯୁଗରେ ଯେଉଁଠାରେ ଦ୍ରୁତ ପ୍ରଯୁକ୍ତିବିଦ୍ୟା ଜୀବନର ପ୍ରତ୍ୟେକ ଦିଗକୁ ପୁନଃ ଆକୃତି ଦେଉଛି, ନବସୃଜନ ଏବଂ ଗବେଷଣା ଆମ ବିକାଶ ଯାତ୍ରାର ମୂଳରେ ରହିବା ଉଚିତ୍ ବୋଲି ରାଜ୍ୟପାଳ କହିଥିଲେ। ପୁଣି ରାଜ୍ୟପାଳ କହିଥିଲେ ଯେ, ପ୍ରଯୁକ୍ତିବିଦ୍ୟା ହେଉଛି ଆଶା, ପ୍ରଗତି ଏବଂ ସମ୍ଭାବନାର ଭାଷା। ଆମର ଇଞ୍ଜିନିୟର, ବୈଜ୍ଞାନିକ, ପ୍ରଯୁକ୍ତିବିଦ୍ୟାବିତ୍ ଏବଂ ଉଦ୍ଭାବକମାନେ ଏହି ନୂତନ ଯୁଗର ସ୍ଥପତି। ଆଜି ମୁଁ ଆପଣମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ – ଇଞ୍ଜିନିୟର, ପ୍ରଯୁକ୍ତିବିଦ୍ୟାବିତ୍‌ମାନେ ସୀମା ବାହାରକୁ ଯାଇ ସ୍ୱପ୍ନ ଦେଖିବା, ଉଦ୍ଦେଶ୍ୟ ସହିତ ନବସୃଜନ କରିବାକୁ ଏବଂ ସଚ୍ଚୋଟତାର ସହିତ ନେତୃତ୍ୱ ନେବାକୁ ଆହ୍ୱାନ୍ କରୁଛି। ଆସନ୍ତୁ ଆମେ ଏପରି ଏକ ଭବିଷ୍ୟତର କଳ୍ପନା କରିବା ଯେଉଁଠାରେ ପ୍ରଯୁକ୍ତିବିଦ୍ୟା ପ୍ରତ୍ୟେକ ନାଗରିକଙ୍କୁ ଉତ୍ଥାନ କରିବ, ଆମ ବିଶ୍ୱକୁ ସୁରକ୍ଷା ଦେବ ଏବଂ ଏକ ନ୍ୟାୟପୂର୍ଣ୍ଣ, ସମୃଦ୍ଧ ରାଷ୍ଟ୍ର ଗଠନ ପାଇଁ ଆମର ସଂକଳ୍ପକୁ ଦୃଢ଼ କରିବ। ଏହି ମହାନ୍ ପ୍ରୟାସରେ, ଦି ଇନ୍‌ଷ୍ଟିଚ୍ୟୁସନ୍ ଅଫ୍ ଇଞ୍ଜିନିୟର୍ସ (ଭାରତ) ଦୀର୍ଘ ସମୟ ଧରି ଏକ ମଶାଲବାହକର ଭୂମିକା ନିଭାଉଛି। ଏହି ଅନୁଷ୍ଠାନ ସାରା ଦେଶରେ ଇଞ୍ଜିନିୟରିଂ ଶିକ୍ଷା, ଗବେଷଣା ଏବଂ ବୃତିଗତ ଉତ୍କର୍ଷତାକୁ ଆଗକୁ ବଢାଇବାରେ ଅଗ୍ରଣୀ ରହିଛି ବୋଲି ରାଜ୍ୟପାଳ କହିଥିଲେ। ବୈଷୟିକ ଅଧିବେଶନ, ସେମିନାର, ଦକ୍ଷତା ବିକାଶ କାର୍ଯ୍ୟକଳାପ ଆୟୋଜନରେ କେନ୍ଦ୍ରର ପଦକ୍ଷେପଗୁଡ଼ିକ ନୂତନ ପିଢ଼ୀର ଇଞ୍ଜିନିୟରମାନଙ୍କୁ ସଶକ୍ତ କରୁଛି ବୋଲି ରାଜ୍ୟପାଳ କହିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବିଜ୍ଞାନ ଓ କାରିଗରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସମ୍ମାନନୀୟ ଅତିଥିଭାବେ ଯୋଗଦେଇ ଦେଶ ଗଠନରେ ଇଞ୍ଜିନିୟରମାନଙ୍କର ଭୂମିକା ସମ୍ପର୍କରେ ଆଲୋକପାତ କରିବା ସହ ରାଜ୍ୟରେ ବୈଜ୍ଞାନିକ ଭିତ୍ତିଭୂମିର ବିକାଶ ଏବଂ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆଗ୍ରହ ବୃଦ୍ଧି ପାଇଁ ରାଜ୍ୟ ସରକାରଙ୍କ ତରଫରୁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଅବତାରଣା କରିଥିଲେ। ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରସ୍‌ର ପ୍ରେସିଡେଣ୍ଟ ଭି.ବି ସିଂହ ଏହି କାର୍ଯ୍ୟକ୍ରମରେ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ଚେୟାରମ୍ୟାନ୍ ପ୍ରଫେସର ଡ. ସୁଧାଂଶୁ ଶେଖର ଦାସ ସ୍ୱାଗତଭାଷଣ ପ୍ରଦାନ କରିଥିଲେ ଏବଂ ଶେଷରେ ଅନରାରୀ ସେକ୍ରେଟାରୀ ସଂଗ୍ରାମ କେଶରୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା।




## କଲେଜ ଜମି ଜବର ଦଖଲ ନେଇ ପୁରାତନ ଛାତ୍ର ସଂସଦର ଉଦ୍‌ବେଗ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**


କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ପୁରାତନ ଛାତ୍ର ସଂସଦର କାର୍ଯ୍ୟକାରିଣୀ ବୈଠକ ପ୍ରଫେସର ନନ୍ଦ କିଶୋର ପରିଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ୧୯୫୮ ମସିହାରେ ଗୁହାଳସିଂହ ମୌଜାରେ ଥିବା କଲେଜର କିଣାଜମି ପ୍ଲଟ୍ ନଂ-୪୧୩୮କୁ କିଛିଲୋକ ଜବରଦଖଲ କରି ତାହାକୁ ରାତାରାତି ତା ଉପରେ ସ୍ଥାୟୀ ନିର୍ମାଣ କରୁଥିବାରୁ ସଂସଦ ପକ୍ଷରୁ ଉଦ୍‌ବେଗ ପ୍ରକାଶ କରାଯାଇଛି। ଛାତ୍ର ସଂସଦ ଏହା ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ କଲେଜ କର୍ତ୍ତୃପକ୍ଷଙ୍କୁ ଦାବି ଜଣାଇବା ସହ ପୋଲିସି ପ୍ରଶାସନ ଓ ରାଜସ୍ୱ ବିଭାଗ ଉଚିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରାଯାଇଛି। କଲେଜର ଆରମ୍ଭ ସମୟରେ ଏହି ପ୍ଲଟ୍ ନିକଟରେ ରାସ୍ତା ନିର୍ମାଣ ପାଇଁ ତତ୍‌କାଳୀନ ଛାତ୍ରଛାତ୍ରୀମାନେ ଶ୍ରମଦାନ କରି ଜଳାଶୟ ଖୋଳିଥିଲେ। ମାତ୍ର କଲେଜ ଛୁଟି ଥିବା ସମୟରେ ଏହି ଜବର ଦଖଲକାରୀ ମାନେ ଏହି ଜଳାଶୟକୁ ବାଲିରେ ପୋତିଦେଇ ତା ଉପରେ ସ୍ଥାୟୀ ନିର୍ମାଣ କରିବାକୁ ଉଦ୍ୟମ କରୁଛନ୍ତି। କଲେଜର ଏହି ଭୂସମ୍ପତିର ସୁରକ୍ଷା ପାଇଁ ସଂପୃକ୍ତ ସମସ୍ତ ବିଭାଗ ତୁରନ୍ତ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ବୈଠକରେ ଅନୁରୋଧ କରାଯାଇଛି। ପୁରାତନ ଛାତ୍ର ସଂସଦର ବାର୍ଷିକ ସମ୍ମିଳନୀ ଆସନ୍ତା ଜୁନ୍ ୧୫ ତାରିଖକୁ କରିବା ପାଇଁ ସର୍ବ ସମ୍ମତ ପ୍ରସ୍ତାବ ଗୃହୀତ ହୋଇଥିବା ସମ୍ପାଦକ ବିଧୂଭୂଷଣ ଦାସ ଜଣାଇଛନ୍ତି। ପହେଲଗାମ ଠାରେ ଆତଙ୍କବାଦୀ ମାନେ ହତ୍ୟା କରିଥିବା ୨୭ ଜଣ କଏଦୀଙ୍କ ଉଦ୍ଦେଶ୍ୟରେ ଓ ଭାରତ-ପାକିସ୍ଥାନ ଯୁଦ୍ଧରେ ସହିଦ ହୋଇଥିବା ଯବାନ ମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଛି। ସାଂସଦର ସଭାପତି ତଥା କଲେଜ ଅଧକ୍ଷ ଡ଼ଃ ସଂଜିବ କୁମାର ମହାନ୍ତି ସମସ୍ତ ପ୍ରକାର କାର୍ଯ୍ୟର ସହଯୋଗ କରିବାକୁ ସମ୍ମତି ଜଣାଇଥିଲେ। ଏହି ବୈଠକରେ ପ୍ରଫେସର ପ୍ରଦୀପ୍ତ କୁମାର ଦାସ, ଡ଼ଃ ଅମୀୟ କୁମାର ମହାନ୍ତି, ଡ଼ଃ ତପନ କୁମାର ପତି, ଡ଼ଃ ପ୍ରମୋଦ କୁମାର ଦାସ, ଦୁର୍ଯ୍ୟୋଧନ ଦାସ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ପ୍ରଫେସର ରଂଜିତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୨ ସାଲ, ଶକାବ୍ଦଃ –୧୯୪୩, ସମ୍ୱତ୍ – ୨୦୮୧, ହିଜରୀ – ୧୪୪୬, କଳିଯୁଗାବ୍ଦାଃ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୮ଙ୍କ

**ତା୧୩।୫।୨୦୨୫, ବୈଶାଖ ଦ୩୦ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୫।୧୨।୨୮** **ଚନ୍ଦ୍ରୋଦୟ- ସଂଘ ୬।୫୭।୧୧**

**ପ୍ରତିପଦ-** ରାଘ ୧୨।୩୬ ପର୍ଯ୍ୟନ୍ତ । **ବିଶାଖା ନକ୍ଷତ୍ର-** ଦିଘ ୯।୦୯ ପର୍ଯ୍ୟନ୍ତ । **ବିଛା ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, ସିଂହ, କନ୍ୟା, ବିଛା, ଧନୁ, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ନାସ୍ତି । **ଶ୍ରାଦ୍ଧନିର୍ଣ୍ଣୟ-** ପ୍ରତିପଦର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପାଣିକଖାରୁ ରାଘ ୧୨।୩୬ ପରେ ବୋଇତି କଖାରୁ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୮।୨୯ ଗତେ ଘ ୧୦।୨୫ ମଧ୍ୟେ । ଦିଘ ୪।୩୩ ଗତେ ଘ ୫।୧୯ ମଧ୍ୟେ । **ପର୍ବୋତ୍ସବ-** ନାରଦ ଜୟନ୍ତୀ ।




**ମେଷ:** ମନରେ ବିରକ୍ତି ଭାବ ଜାତ ହେବ । କର୍ମକ୍ଷେତ୍ରରେ କ୍ଲାନ୍ତି ଅନୁଭବ କରିବେ । କୌଣସି କାର୍ଯ୍ୟରେ ଆଗ୍ରହ ଆସିବନାହିଁ । ଆର୍ଥିକ ଅଭାବ ଦେଖାଦେବ । ଶାରୀରିକ ପୀଡ଼ା ଦେଖାଦେବ । ଗୃହେ ଶାନ୍ତି ଲାଭ ।



**ବୃଷ:** ଦୂରଯାତ୍ରା କରି ସଫଳତା ଲାଭ କରିବେ । ବନ୍ଧୁ ଦର୍ଶନର ସୁଯୋଗ ଲାଭ ହେବ । ସାମାଜିକ ସ୍ତରରେ ପ୍ରଶଂସା ଲାଭ କରିବେ । ରୋଜଗାର ମଧ୍ୟମ ଧରଣର ହେବ । ପାରିବାରିକ କଳହ ଦେଖାଦେବ ।



**ମିଥୁନ:** କର୍ମକ୍ଷେତ୍ରରେ ବିଳମ୍ବରେ ଅସହଯୋଗ ପ୍ରାପ୍ତି ହେବ। ରୋଜଗାର ଭଲ ହେବ। ବିଭିନ୍ନ କାରଣରୁ ମନରେ ଚିନ୍ତା ଜାଗ୍ରତ ହେବ । ଘରେ ଜଞ୍ଜାଳ ସହ ଦ୍ୱନ୍ଦ୍ୱ ସୃଷ୍ଟି ହେବ । ମହିଳାମାନେ ସୁଖୀ ହେବେ ।



**କର୍କଟ:** କାହାକୁ କିଛି ନ କହିଲେ ଭଲ । ନିଜ କାମ କରିବା ପରେ ନିରବତା ଅବଲମ୍ବନ ଶ୍ରେୟ ହେବ । ଆୟରେ ଉନ୍ନତି ଦେଖାଦେବ । ପରିବାରରେ ସନ୍ତାନଙ୍କ ପାଇଁ ଚିନ୍ତା ଦେଖାଦେବାର ସୂଚନା ।



**ସିଂହ:** ଅଣ୍ଟି ଛୁରୀ ତଣ୍ଟି କାଟିବା ପରି ନିଜର ଲୋକ ଶତ୍ରୁତା ଆଚରଣ କରିବେ । ଚାକିରୀ କ୍ଷେତ୍ରରେ ଅବହେଳିତ ହେବେ । ମାଲିମୋକଦ୍ଦମାରେ ଶୁଣାଣି ବିଳମ୍ବ ହେବ । ଗୃହେ ଆନନ୍ଦ ଲାଭ କରିବେ ।



**କନ୍ୟା:** କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ସାହାଯ୍ୟ ପାଇଁ ଉତ୍ସାହିତ ହେବେ । ପୁରାତନ କାର୍ଯ୍ୟ ପ୍ରାପ୍ତି ହେବ । ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । ମନ ଭଲ ରହିବ ।



**ତୁଳା:** ଅଭିଳାଷ ପୂର୍ଣ୍ଣ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ । ସ୍ୱାଧୀନ ଭାବରେ କାର୍ଯ୍ୟ କରିବା ସହିତ ଆକସ୍ମିକ ଅର୍ଥ ଲାଭ ଓ ସମ୍ମାନ ମିଳିବ । କର୍ମକ୍ଲାନ୍ତି ଅନୁଭବ ସତ୍ତ୍ୱେ ଗୃହ କାର୍ଯ୍ୟ ପାଇଁ ବାଧ୍ୟ ହେବେ ।




**ବିଛା:** ଆଜି ଦିନଟି ବେଶ୍ ଭଲରେ କଟିବ । ଦୂରଯାତ୍ରା କାର୍ଯ୍ୟ ହାସଲ କରିବେ । ପାରିବାରିକ ଓ ବନ୍ଧୁ ସହଯୋଗ ମଧ୍ୟ ମିଳିବ । ରୋଜଗାରରେ ଉନ୍ନତି ହେବ। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ ।



**ଧନୁ:** କର୍ମକ୍ଷେତ୍ରରେ ପାରସ୍ପରିକ ବିରୋଧାଭାସ ଯୋଗୁ ପଥରୋଧ ପରିସ୍ଥିତି ସୃଷ୍ଟିର ସୂଚନା । ରୋଜଗାର ଭଲ ହେବ। ପାରିବାରିକ ଅସହଯୋଗ ଅଶାନ୍ତିର ପୂର୍ବାଭାସ । ମହିଳାମାନେ ସ୍ୱାର୍ଥପର ହେବାର ସୂଚନା ।



**ମକର:** ଦୂରଯାତ୍ରାରେ ସାଫଲ୍ୟ ହେବେ । ସଙ୍ଗେ ସଙ୍ଗେ ନୂତନ କାର୍ଯ୍ୟ ପ୍ରାପ୍ତିର ସମ୍ଭାବନା । ଆୟର ଅଭିବୃଦ୍ଧି ଘଟିବ । ନୂତନ ଦ୍ରବ୍ୟ ପ୍ରାପ୍ତ କରିପାରନ୍ତି । ପାରିବାରିକ ଆନନ୍ଦ ଲାଭ ହେବାର ସୂଚନା ।



**କୁମ୍ଭ:** କର୍ମକ୍ଷେତ୍ରରେ ବେଶ୍ ପ୍ରଶଂସା ଲାଭ କରିବେ । ବାକିଥିବା କାମ ସୁରୁଖୁରୁରେ ହୋଇଯିବ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ସାହାଯ୍ୟ ଓ ସହଯୋଗ ଲାଭ ହେବ । ବନ୍ଧୁ ଦର୍ଶନ କରିପାରନ୍ତି ।



**ମୀନ:** ଦାନ ଧର୍ମ ଓ ସେବା ପୂଜା ପ୍ରତି ମନ ନିବେଶ କରିବେ । ଆୟ ଓ ବ୍ୟୟ ସମାନ ରହିବ । ଅନ୍ୟମାନଙ୍କ ପାଖରେ ପ୍ରଶଂସିତ ହେବେ। ପରିବାରରେ ସହଯୋଗର ପରିମାଣ ବଢ଼ିବ । ଦେହ ଭଲ ରହିବ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୨ ସାଲ, ଶକାବ୍ଦଃ –୧୯୪୩, ସମ୍ୱତ୍ – ୨୦୮୧, ହିଜରୀ – ୧୪୪୬, କଳିଯୁଗାବ୍ଦାଃ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୮ଙ୍କ

**ତା୧୪।୫।୨୦୨୫, ବୈଶାଖ ଦ୩୧ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ୫।୧୨।୦୩** **ଚନ୍ଦ୍ରୋଦୟ- ରାଘ ୭।୫୨।୦୬**

**ଦ୍ୱିତୀୟା-** ରାଘ ୨।୩୦ ପର୍ଯ୍ୟନ୍ତ । **ଅନୁରାଧା ନକ୍ଷତ୍ର-** ଦିଘ ୧୧।୪୭ ପର୍ଯ୍ୟନ୍ତ । **ବିଛା ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, ସିଂହ, କନ୍ୟା, ବିଛା, ଧନୁ, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ନାସ୍ତି । **ଶ୍ରାଦ୍ଧନିର୍ଣ୍ଣୟ-** ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବୋଇତି କଖାରୁ ରାଘ ୨।୩୦ ପରେ ପୋଟଳ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୭।୫୦ ଗତେ ଘ ୮।୨୯ ମଧ୍ୟେ । ଦିଘ ୧।୫୨ ଗତେ ଘ ୫।୧୯ ମଧ୍ୟେ । **ପର୍ବୋତ୍ସବ-** ମାସାନ୍ତ ।

ସମ୍ପାଦକୀୟ

31 YEARS

ସମ୍ବାଦ କଳିକା

# ଭାରତର ଅଭିବୃଦ୍ଧିରୁ ସମଗ୍ର ବିଶ୍ୱକୁ ଫାଇଦା

ଭାରତର ଅଭିବୃଦ୍ଧିରୁ ସମଗ୍ର ବିଶ୍ୱକୁ ଫାଇଦା ହେବ । ମାଇକ୍ରୋସଫ୍ଟ ସହ-ପ୍ରତିଷ୍ଠାତା ବିଲ୍ ଗେଟ୍‌ସ ଏହା କହିଛନ୍ତି। ମୁମ୍ବାଇରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସେ ଏହା ପ୍ରକାଶ କରିଛନ୍ତି । ଗେଟ୍‌ସ ଆହୁରି ଭାରତର ଦ୍ରୁତ ନବସୃଜନକୁ ପ୍ରଶଂସା କରିଛନ୍ତି । ସେ କହିଲେ ଯେ, ୨୦୪୭ ସୁଦ୍ଧା ଭାରତ ବିକଶିତ ରାଷ୍ଟ୍ରରେ ପରିଣତ ହେବ। ଏହା କେବଳ ଭାରତରେ ପରିବର୍ତ୍ତନ ଆଣିବ ନାହିଁ ବରଂ ବିଶ୍ୱ ଉପରେ ବି ଏହାର ସକାରାତ୍ମକ ପ୍ରଭାବ ପଡ଼ିବ । ଗେଟ୍‌ସ କହିଲେ ଯେ, ଭାରତରେ ସ୍ୱାସ୍ଥ୍ୟ ଏବଂ ଶିକ୍ଷା ଭଳି ପ୍ରମୁଖ କ୍ଷେତ୍ରକୁ ପ୍ରାଥମିକତା ଦିଆଯାଉଛି । ଏହାର ସକାରାତ୍ମକ ଗତିଶୀଳତା ଦେଖିବାକୁ ମିଳୁଛି । ଭାରତର ଅର୍ଥନୈତିକ ଅଭିବୃଦ୍ଧି ଦୃଶ୍ୟପଟକୁ ଆଶାଜନକ କହିବା ସହ ଗେଟ୍‌ସ କହିଲେ ଯେ, ଭାରତରେ ବିକାଶ ହାର ୫% ରହିବ କି ୧୦%, ତାହାକୁ ନେଇ ତର୍କ ହେଉଛି । କିନ୍ତୁ ମୋତେ ଅନୁଭବ ହେଉଛି ଯେ, ଅଭିବୃଦ୍ଧି ୧୦% ପର୍ଯ୍ୟନ୍ତ ପହଞ୍ଚି ନ ପାରେ କିନ୍ତୁ ୫% ତଳକୁ ବି ଖସିବ ନାହିଁ । ଅର୍ଥନୈତିକ ଅଭିବୃଦ୍ଧି ସ୍ୱାସ୍ଥ୍ୟ ଏବଂ ଶିକ୍ଷାରେ ଅଧିକ ସରକାରୀ ନିବେଶକୁ ସକ୍ଷମ କରିବ, ଯାହାଦ୍ୱାରା ମହତ୍ୱପୂର୍ଣ୍ଣ ଅବସର ସୃଷ୍ଟି ହେବ । ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ)କୁ ନେଇ ଗେଟ୍‌ସ କହିଲେ ଯେ, ଏହି ପ୍ରଯୁକ୍ତି ବିରାଟ ପରିବର୍ତ୍ତନ ଆଣିବ । ସେ ଏହାକୁ ମଧ୍ୟ ଖଣ୍ଡନ କରିଛନ୍ତି ଯେ, ଏଆଇ ଦ୍ୱାରା ବଡ଼ ଆକାରରେ ଚାକିରି ଚାଲିଯିବ। ଗେଟ୍‌ସ ଭାରତର ଏଆଇ ଡେଭଲପମେଣ୍ଟ ଆପ୍ରୋଚ୍‌କୁ ପ୍ରଶଂସା କରିଛନ୍ତି । ସେ କହିଲେ ଯେ, ସ୍ଥାନୀୟ ଆବଶ୍ୟକତା ଅନୁସାରେ ଭାରତ ଓପନ୍-ସୋର୍ସ ଫାଉଣ୍ଡେସନ ମଡେଲ୍‌କୁ ଆପଣାଇଛି। ଏହା ପ୍ରଶଂସନୀୟ । ଏହାଦ୍ୱାରା ଭାରତୀୟ ଭାଷାଗୁଡ଼ିକୁ ସପୋର୍ଟ ମିଳିବ। ଆଧାର ଏବଂ ୟୁପିଆଇ ସମେତ ଭାରତର ଡିଜିଟାଲ ପବ୍ଲିକ୍ ଭିତ୍ତିଭୂମିକୁ ପ୍ରଶଂସା କରିଛନ୍ତି ବିଲ୍ ଗେଟ୍‌ସ । ଏହା ବିଶ୍ୱ ପାଇଁ ଦେଶର ଅନ୍ୟତମ ମହତ୍ୱପୂର୍ଣ୍ଣ ଯୋଗଦାନ ବୋଲି ସେ କହିଛନ୍ତି । ଗେଟ୍‌ସ କହିଲେ ଯେ, ଯେତେଥର ଭାରତ ଆସିଛି ଅନେକ କମ୍ପାନି ଏହି ଡିଜିଟାଲ ଭିତ୍ତିଭୂମିର ଲାଭ ଉଠାଉଥିବା ଦେଖିଆସୁଛି। ସେ ବ୍ୟାଙ୍କିଙ୍ଗ୍ ହେଉ କିମ୍ବା ଷ୍ଟକ୍ ଟ୍ରେଡିଂ, ଭାରତର ନବସୃଜନ ଦ୍ରୁତ ବେଗରେ ଆଗକୁ ବଢୁଛି। ପ୍ରକାଶଯୋଗ୍ୟ, ମାଇକ୍ରୋସଫ୍ଟର ସହ-ପ୍ରତିଷ୍ଠାତା ବିଲ୍ ଗେଟ୍‌ସ ବିଶ୍ୱର ୧୧ତମ ଧନୀ ବ୍ୟକ୍ତି । ଫୋର୍ବସ ଅନୁସାରେ, ତାଙ୍କ ନେଟ୍ ସମ୍ପତ୍ତି ୧୦୭୧୦ କୋଟି ଡଲାର ବା ପାଖାପାଖି ୯.୨୧ ଲକ୍ଷ କୋଟି ଟଙ୍କା । ସେ ୧୯୭୫ରେ ମାଇକ୍ରୋସଫ୍ଟର ସ୍ଥାପନା କରିଥିଲେ । ୨୦୦୦ ମସିହା ଯାଏ ସେ କମ୍ପାନିରେ ସିଇଓ ପଦରେ ଥିଲେ ।

# ଗୃହ ସ୍ୱର୍ଗର ସୁଦୃଢ଼ ସାମ୍ରାଜ୍ଞୀ



ମୀରା ବେଉରା
ରଘୁନାଥଜିଉ ମହାବିଦ୍ୟାଳୟ, ଦେଉଳସାହି, କଟକ
ଦୂରଭାଷ : ୭୮୪୬୯୨୧୪୦୦
Mail: meerabeura74@gmail.com

ଗ୍ରୀକ୍ ବୀର ଆଲେକଜାଣ୍ଡର ଯେତେବେଳେ ସାମ୍ରାଜ୍ୟ ବିସ୍ତାର କରିବାକୁ ଯାଇ ଭାରତ ଆକ୍ରମଣ କରିବାକୁ ଆସିଥିଲେ ତାଙ୍କ ମା ଆଲେକଜାଣ୍ଡରଙ୍କୁ କହିଥିଲେ, 'ଦେଖ ବାପା ! ଭାରତ ବର୍ଷ ହେଉଛି ପଣ୍ଡିତ, ସନ୍ଥ ଓ ବିଦ୍ୱାନମାନଙ୍କର ଦେଶ। ଯଦି ତୁମେ ଭାରତକୁ ଯାଉଛ ତେବେ ଭାରତରୁ ପ୍ରତ୍ୟାବର୍ତ୍ତନ କରିବା ସମୟରେ ସେଠାରୁ କିଛି ବିଦ୍ୱାନ ପଣ୍ଡିତଙ୍କୁ ସାଙ୍ଗରେ ସମ୍ମାନର ସହିତ ଆଣିବ।' ଏହା ଥିଲା ପୁତ୍ର ଆଲେକଜାଣ୍ଡରଙ୍କ ପ୍ରତି ମାଙ୍କର ଏକ ବିଶେଷ ପରାମର୍ଶ। ଛତ୍ରପତି ଶିବାଜୀ ମଧ୍ୟ ଯେଉଁ ଗୋଲକୁଣ୍ଡା ଓ ବିଜାପୁର ଜୟ କରିଥିଲେ ତାହା କେବଳ ତାଙ୍କର ମାତାଙ୍କ ପ୍ରରୋଚନାରୁ ସମ୍ଭବ ହୋଇଥିଲା। ବିଶିଷ୍ଟ ବୈଜ୍ଞାନିକ ଜଗଦୀଶ ଚନ୍ଦ୍ର ବୋଷ କେବଳ ପିଲାଦିନରୁ ତାଙ୍କ ମା'ଙ୍କଠାରୁ ଏହି ବିଜ୍ଞାନ କଥା ଶୁଣି ଶୁଣି ଭବିଷ୍ୟତରେ ଜଣେ ବୈଜ୍ଞାନିକ ହେବାର ସୌଭାଗ୍ୟ ଲାଭ କରିଥିଲେ। ଜାତିର ପିତା ମହାତ୍ମାଗାନ୍ଧୀ 'My views of Education' ପୁସ୍ତକରେ କହିଥିଲେ ଜଣେ ମା'ଙ୍କ ଭୂମିକା ଗ୍ରହଣ ନକଲେ ସେ ପ୍ରକୃତରେ ଶିକ୍ଷକ ହୋଇ ପାରିବନାହିଁ। ଫ୍ରାନ୍ସର ପ୍ରଭାବଶାଳୀ ରାଜା ନବମ ଲୁଇଙ୍କ ମା' ମଧ୍ୟ ପିଲାବେଳେ ତାଙ୍କୁ ଠିକ୍ ସେହିକଥା କହିଥିଲେ ଯେ 'ଦେଖ ବାପା ! ତମେ ଯଦି ଜୀବନରେ କେବେ କୌଣସି ଅକରଣୀୟ କାମ କରିବ ମୁଁ କଦାପି ଏହା ସହ୍ୟ କରିପାରିବି ନାହିଁ। ତୁମକୁ ସିଂହାସନରେ ବସାଇବାକୁ ମଧ୍ୟ ଚାହିଁବି ନାହିଁ। ବରଂ ସିଂହାସନ ଖାଲି ରହୁ ବୋଲି ଇଚ୍ଛା ପ୍ରକାଶ କରିବି।' ଏହା ଥିଲା ନବମ ଲୁଇଙ୍କ ପ୍ରତି ତାଙ୍କ ମା'ଙ୍କର ଏକ କଡ଼ା ଚେତାବନୀ।

ବନ୍ଧୁଗଣ ! ଏହି ପ୍ରସଙ୍ଗ ଏଠାରେ ଉପସ୍ଥାପନ କରିବାର ଉଦ୍ଦେଶ୍ୟ ହେଉଛି ପରିବାର ଯଦି ହୁଏ ମାନବ ସମାଜର କେନ୍ଦ୍ରବିନ୍ଦୁ ଓ ଏକ କ୍ଷୁଦ୍ର ସାମାଜିକ ସଂଗଠନ, ତେବେ ମା' ହେଉଛି ସେହି ପରିବାର ରୂପୀ ଗୃହ ସାମ୍ରାଜ୍ୟର ସାମ୍ରାଜ୍ଞୀ। ବାଲାର୍ଡଙ୍କ ମତରେ ପରିବାର ହେଉଛି ସର୍ବାପେକ୍ଷା ପ୍ରାଚୀନ ଓ ପ୍ରଭାବଶାଳୀ ଅନୁଷ୍ଠାନ, ଯେଉଁ ଅନୁଷ୍ଠାନରୁ ଆମର କୋମଳମତି ବାଳକ ବାଳିକାମାନେ ଶୁଦ୍ଧ ଆଚରଣ, ବ୍ୟବହାର, ଶୃଙ୍ଖଳାଗତଜ୍ଞାନ, ଦାୟିତ୍ୱବୋଧ ଆଦି ଶିକ୍ଷା ଲାଭ କରିଥାନ୍ତି। ଶିଶୁଙ୍କ ଉନ୍ନତି ଓ ପ୍ରଗତିପାଇଁ ପରିବାରର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଆମ ପରିବାରରେ ରହୁଥିବା ପିତା, ମାତା, ଜେଜେ ବାପା, ଜେଜେ ମା', ଦାଦା, ଖୁଡ଼ି, ଭାଇ, ଭଉଣୀଙ୍କ ଚରିତ୍ର, ଆଚରଣ ଓ ପ୍ରକୃତି ପିଲାମାନଙ୍କୁ ଖୁବ୍ ପ୍ରଭାବିତ କରେ। ଶିଶୁର ଜୀବନ ଆରମ୍ଭ ହୁଏ ଏହି ପରିବାରରୁ। ସେହିଥିପାଇଁ ତ ଫ୍ଲାଙ୍କ (Flank) କହିଥିଲେ, ପରିବାର ହେଉଛି ଏକମାତ୍ର ଅନୁଷ୍ଠାନ ଯାହାକି ଶିଶୁ ପାଳନ ଓ ଶିଶୁର ସମାଜିକୀକରଣ ପାଇଁ ଏକ ଅତ୍ୟାବଶ୍ୟକୀୟ ମାଧ୍ୟମ। ଏହା ମାଧ୍ୟମରେ ଶିଶୁ ସମାଜର ସଂସ୍କୃତି ସହିତ ପରିଚିତ ହୁଏ ଏବଂ ତାର ବ୍ୟକ୍ତିତ୍ୱ ଗଠନ ହୁଏ। ଶିଶୁର ମୌଳିକ ଆବଶ୍ୟକତା ସ୍ନେହ, ଶ୍ରଦ୍ଧା, ଭଲ ପାଇବା, ପ୍ରେମ ଇତ୍ୟାଦି ଏହି ପରିବାରରୁ ହିଁ ପୂରଣ ହୁଏ। ସତ କହିବାକୁ ଗଲେ ମଣିଷ ଜୀବନକୁ ସରସ, ସୁନ୍ଦର ଓ ସୁସ୍ଥକରି ଗଢ଼ି ତୋଳିବାରେ ପରିବାରର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଏହି ପରବାର ବା Family ଶବ୍ଦଟି ରୋମାନ ଶବ୍ଦ Famalusରୁ ଆସିଅଛି, ଯାହାର ଅର୍ଥ ଚାକର। ସମନର ଓ କେଲର (Sumner and Keller)ଙ୍କ ମତରେ ଅତି କମ୍‌ରେ ଦୁଇଟି ପିଢ଼ିକୁ ଅନ୍ତର୍ଭୁକ୍ତ କରିଥିବା ଏବଂ ବିଶେଷ ଭାବରେ ରକ୍ତ ସଂପର୍କକୁ ନେଇ ଗଠିତ ହୋଇଥିବା ଏକ କ୍ଷୁଦ୍ର ସାମାଜିକ ସଂଗଠନ ହିଁ ପରିବାର ଅଟେ।

ହଁ ବନ୍ଧୁଗଣ ! ଆଜି ଏକବିଂଶ ଶତାବ୍ଦୀରେ ପଦାର୍ପଣ କରିଥିଲେ ସୁଦ୍ଧା ପରିବାର ଦିବସ ପାଳନ କରିବାକୁ ଆମେ ଚିନ୍ତାକରିଛୁ। ପରିବାର ହିଁ ଏକମାତ୍ର ଅନୁଷ୍ଠାନ ଯେଉଁଠି ଶିଶୁର ଶାରୀରିକ, ମାନସିକ, ବୌଦ୍ଧିକ, ଆବେଗିକ, ସାମାଜିକ, ନୈତିକ ତଥା ଚରିତ୍ରର ବିକାଶ ସାଧନ ସମ୍ଭବ ହୋଇଥାଏ। ଏହି ପରିବାର ହିଁ ଶିଶୁମାନଙ୍କପାଇଁ ଏକମାତ୍ର ନିରାପଦ ସ୍ଥାନ। ଏହା ଛଡ଼ା ପିଲାମାନଙ୍କୁ ନାଗରିକ ଶିକ୍ଷା, ସମଯୋଜନ ଶିକ୍ଷା, କର୍ମ ସଂସ୍ଥାନ ଶିକ୍ଷା ଆଦି ସଂପର୍କରେ ସଚେତନ କରି ଅର୍ଥ ଅର୍ଜନ କରିବାର କୌଶଳ ମଧ୍ୟ ଏହି ପରିବାରୁହିଁ ପିଲାଟିଏ ଶିକ୍ଷା ଲାଭ କରିଥାଏ। କେବଳ ସେତିକି ନୁହେଁ, ପର୍ବ ପର୍ବାଣୀ, ବିବାହ ଉତ୍ସବରେ ମଧ୍ୟ ସମସ୍ତେ ଏକାଠି ମିଳିମିଶି ଉତ୍ସବ ପାଳନ କରିଥାନ୍ତି। ଜୀବନକୁ ସଂପୂର୍ଣ୍ଣ ଉପଭୋଗ କରିବାର ମାଧ୍ୟମ ହେଉଛି ଏହି ପରିବାର। ମାଜିନ (Mazzin) ମଧ୍ୟ କହିଥିଲେ ମା'ର ଚୁମ୍ବନ ଓ ପିତାଙ୍କ ଯତ୍ନ ମଧ୍ୟରେ ଶିଶୁର ପ୍ରାଥମିକ ଶିକ୍ଷା ଆରମ୍ଭ ହୁଏ।

ଏହି ପରିବାର ହିଁ ଏକମାତ୍ର ସ୍ଥାନ ଯେଉଁଠି ଜଣେ ରୋଗୀ, ଅକର୍ମଣ୍ୟ, ଯୁବକ-ଯୁବତୀ ଓ ଶିଶୁମାନେ ଶାରୀରିକ ଓ ମାନସିକ ସୁରକ୍ଷା ପାଇଥାନ୍ତି। ଆମ ପରିବାରରେ ସାଧାରଣତଃ ଯେଉଁ ସାମାଜିକ, ଅର୍ଥନୈତିକ ଓ ଘରୋଇ ସମସ୍ୟା ପାରିବାରିକ ଜୀବନକୁ ପ୍ରଭାବିତ କରୁଛି, ସେହି ସମସ୍ୟାରୁ ରକ୍ଷା ପାଇବାପାଇଁ ଏବଂ ତାହାର ଏକ ସ୍ଥାୟୀ ସମାଧାନ ଚିନ୍ତାକରି ଆମେ ଆଜି ଆନ୍ତର୍ଜାତିକ ପରବାର ଦିବସ ପାଳନ କରିବାକୁ ଯାଉଛୁ। ଆମେ ପରସ୍ପର ଭିତରେ କିପରି ଉତ୍ତମ ବୁଝାମଣା ରଖି ସଦଭାବନା ଆଣି ଶାନ୍ତି ଓ ଆନନ୍ଦ ସହ ଏକାଠି ହୋଇ ଆମର ପାରିବାରିକ ସଂପର୍କକୁ ମଜଭୁତ କରି ପରସ୍ପର ସୁଖ ଦୁଃଖକୁ ବାଣ୍ଟି ସୁଖରେ ରହିବା ଏହି କଥା ଚିନ୍ତାକରି ଆମେ ଏହି ଆନ୍ତର୍ଜାତିକ ପରିବାର ଦିବସ ପାଳନ କରିବାକୁ ଆଜି ଆଗ୍ରହ ପ୍ରକାଶ କରିଛୁ।

ଆଜି ଆମ ପରିବାରର ସଂସ୍କୃତି ପାଇଁ ଆମେ ଦେଶ ବିଦେଶରେ ମଧ୍ୟ ଗର୍ବିତ। ଆମ ସଂସ୍କୃତିରେ ଯୌଥ ପରବାର ହିଁ ଆମର ଶ୍ରେଷ୍ଠ ସଂପଦ। ଏକାଠି ଗୋଟିଏ ଛାତ ତଳେ ମିଳିମିଶି ଭୋଜନ କରି ଗୁରୁଜନମାନଙ୍କଠାରୁ ଯେଉଁ ସ୍ନେହ, ଶ୍ରଦ୍ଧା, ପ୍ରେମ, ଯତ୍ନ, ବାତ୍ସଲ୍ୟ, ଭଲ ପାଇବା ଓ ବିଶେଷ କରି ଯେଉଁ ସାମାଜିକ ନିରାପତ୍ତା ପାଉଥିଲେ ଆଜି କିନ୍ତୁ ତାହା ଆଉ ଦେଖାଯାଉନାହିଁ। ଯଦିଓ ସହରୀକରଣ, ଜଗତିକରଣ, ଶିଳ୍ପକରଣ ଆଳରେ ଆମ ପରିବାର ଆଜି ଯୌଥ ପରିବାରରୁ ଆସି ଏକକ ପରିବାର ବା Neuclear Familyରେ ପଦାର୍ପଣ କରିଛି, ତଥାପି ମାନସିକ ସ୍ତରରେ ଆମେ ଯୋଡ଼ି ହୋଇ ରହିଛୁ। ଆଜି ବି ଆମ ପରିବାର ସହିତ ଆମର ସଂପର୍କ ତୁଟିନି କି ପରିବାର ତା'ର ମୌଳିକତା ହରାଇନି। କିନ୍ତୁ ବିଦେଶରେ ପିଲାମାନେ ଟିକିଏ ବଡ଼ ହୋଇଗଲେ ସେମାନେ ପିତାମାତାଙ୍କଠାରୁ ଅଲଗା ହୋଇ ରହନ୍ତି।

ଫଳରେ ସେମାନେ ପିତାମାତାଙ୍କଠାରୁ ଆଉ ଆଦର ଯତ୍ନ ପାଇ ପାରନ୍ତି ନାହିଁ। ବରଂ ସାଥିମାନଙ୍କ ମେଳରେ ରହି ବେଳେବେଳେ କୁଅଭ୍ୟାସର ବଶବର୍ତ୍ତୀ ହୋଇ ଅନେକ କୁକାର୍ଯ୍ୟରେ ଲିପ୍ତ ରହିଯାନ୍ତି। ଯାହା ଆମ ଭାରତୀୟ ପରବାରରେ ସାଧାରଣତଃ ଦେଖାଯାଏନାହିଁ। ଆଜି ଆମେ ଚନ୍ଦ୍ରପୃଷ୍ଠରେ ପାଦ ଥାପି ସାରିଲୁଣି, ମଙ୍ଗଳ ଗ୍ରହରେ ବାସ କରିବାକୁ ଜଳର ସନ୍ଧାନ କରୁଛୁ। ତଥାପି ଆଜି ଅନୁଭବ ହେଉଛି ଯେ ଆମ ପରିବାରଗୁଡ଼ିକ ଦିନକୁ ଦିନ ଅବକ୍ଷୟ ହୋଇ ଯାଉଛି। ବିଭିନ୍ନ ସମସ୍ୟା ଓ ପ୍ରତିକୂଳ ପରିସ୍ଥିତି ଦେଇ ଗତିକରି ସଂପର୍କରେ କେଉଁଠି ନା କେଉଁଠି ଫାଟ ସୃଷ୍ଟି ହେଉଛି। ଗୋଟିଏ ଛାତ ତଳେ ଆମେ ଆଜି ଏକାଠି ହୋଇ ରହିପାରୁନୁ। ଆମ ଭିତରେ କେଉଁଠି ନା କେଉଁଠି ବୁଝାମଣାର ଅଭାବ ରହୁଛି। ବେଳେ ବେଳେ ଅହଂକାର ମଧ୍ୟ ଆମ ସଂପର୍କ ମଝିରେ ବାଡ଼ ହୋଇ ଆମ ପାରିବାରିକ ସଂପର୍କକୁ କ୍ଷତ ବିକ୍ଷତ କରି ବିଶ୍ୱାସରେ ବିଷ ଭରିଦେଇ ଭୂମିକଂପ ସୃଷ୍ଟି କରୁଛି। ଫଳରେ ବିବାହର କିଛି ମାସ ନପୂରୁଣୁ ଛାଡ଼ପତ୍ର ଭଳି ଗୋଟିଏ କୁତ୍ସିତ ପ୍ରଥା ଆମ ପାରିବାରିକ ଜୀବନକୁ ଧ୍ୱଂସ ବିଧ୍ୱଂସ କରିପକାଉଛି। ଏଭଳି କ୍ଷେତ୍ରରେ ଆମ ପରପିଢ଼ି ଆମଠାରୁ କ'ଣ ଶିକ୍ଷା ଲାଭ କରିବ ?

ଆମ ପରିବାରକୁ ସୁସ୍ଥ ସୁନ୍ଦର କରି ଗଢ଼ି ତୋଳିବା ଆମ ସମସ୍ତଙ୍କର ଦାୟିତ୍ୱ ହେବା ଆବଶ୍ୟକ। ଆମର ମୂଲ୍ୟବାନ ସମୟକୁ ଆମେ ଯଦି ଏକାଠି ହୋଇ ପରସ୍ପର ଭିତରେ ସୁଖ ଦୁଃଖକୁ ବାଣ୍ଟି ଏକତା ଓ ସଦଭାବନାକୁ ରକ୍ଷା କରିବା ତେବେ ଏ ସମସ୍ୟା ଆଉ ରହିବନି। ସେଇଥିପାଇଁ ତ ମିଳିତ ଜାତିସଂଘ (United Nation) ଓ ସାର୍ବଜନିକ ଶାନ୍ତି ସଂଘ (Universal Peace Federation) ୧୯୯୩ ମସିହାରେ ଏକ ଘୋଷଣାନାମ (Resolution) ପାସ କରିଥିଲେ ଆନ୍ତର୍ଜାତିକ ପରିବାର ଦିବସ ପାଳନ କରିବାପାଇଁ। ଏହାପରେ ୧୯୯୪ ମସିହାରେ ସାମାଜିକ ଗଠନ ଓ ଅର୍ଥନୈତିକ ପ୍ରଣାଳୀରେ ସୁଧାର ଆଣିବାପାଇଁ ମିଳିତ ଜାତିସଂଘ ଅଫିସ ସ୍ତରରେ ପ୍ରତିବର୍ଷ ମଇ ମାସ ୧୫ ତାରିଖକୁ ଆନ୍ତର୍ଜାତିକ ପରିବାର ଦିବସ ରୂପେ ପାଳନ କରିବାକୁ ସ୍ଥିର କଲେ। କାନଡ଼ାର ଆଲବର୍ଟାର (Alberta)ର Helen Hunley ୧୯୯୧ ମସିହା ସେପ୍ଟେମ୍ବର ୨୬ ତାରିଖରେ ଏହି ଜାତୀୟ ପରିବାର ଦିବସ ପ୍ରଥମେ ପାଳନ କରିଥିଲେ। ଏହାପରେ ୧୯୯୩ ମସିହାରେ ମିଳିତ ଜାତିସଂଘ ଏହି ଘୋଷଣା କରିଥିଲେ 'ଏହି ବର୍ଷର ଥିମ୍ ଥିଲା Embracing Diversity Strengthening Families' ଅର୍ଥାତ ବିଭିନ୍ନତାକୁ ଆପଣେଇ ପରିବାରକୁ କିପରି ସୁଦୃଢ଼ କରିବା ।

ସୁସ୍ଥ ପରିବାର ଗଠନପାଇଁ ଅନେକ ସମସ୍ୟା ମୁଣ୍ଡ ଟେକିଛି। ସ୍ୱାସ୍ଥ୍ୟଗତ ସମସ୍ୟା ଆର୍ଥିକ ଅନଟନ ସମସ୍ୟା, ପରିବେଶ ଜନିତ ସମସ୍ୟା ଯାହା ଆମର ପାରିବାରିକ ସମସ୍ୟାକୁ ଖୁବ୍ ପ୍ରଭାବିତ କରିଛି। ଯଦି ପରିବାର ଭିତରେ ସ୍ଥିରତା ଓ ନିରାପତ୍ତା ଆଣି ପରସ୍ପର ଭିତରେ ଉତ୍ତମ ବୁଝାମଣା ରଖିବା ଏବଂ ପରିବାରରେ ଯେଉଁ ଝଡ଼ ଆସିବ ତାକୁ ମିଳିମିଶି ସମାଧାର ସୂତ୍ର ବହାର କରିବା ତେବେ ଏକ ଆଦର୍ଶ ପରବାର ଗଠନର କୌଶଳ ଆମ ଭବିଷ୍ୟତର ବଂଶଧରମାନେ ଶିକ୍ଷା ଲାଭ କରିପାରିବେ।

ଆଶା, ବିଶ୍ୱାସ ଓ ଉତ୍ସାହର ସହିତ ଯଦି ପରିବାରର ସମସ୍ତ ସଦସ୍ୟ ନିଜ ନିଜ ଭିତରେ ସହଯୋଗର ହାତ ବଢ଼ାଇ ପରସ୍ପର ଗୁଣକୁ ଚିହ୍ନି ସ୍ନେହ, ପ୍ରେମ, ମମତା ବନ୍ଧନରେ ସମସ୍ତଙ୍କୁ ବାନ୍ଧି ପାରିବେ ତେବେ ଆମେ ଗୋଟିଏ ସୁସ୍ଥ ସୁନ୍ଦର ପରିବାର ଗଠନ କରିବକୁ ସକ୍ଷମ ହୋଇ ପାରିବୁ। ଆଜି ଯୌଥ ପରିବାରଗୁଡ଼ିକ ଭାଙ୍ଗିଯାଇ ଏକକ ପରିବାର ହେବା ଫଳରେ ସେହି ପରିବାରରେ ଯେଉଁ ଶିଶୁଟି ବଢୁଛି ସେ ଆନ୍ତରିକତା ଅଭାବରୁ ହିଂସ୍ର, ଆକ୍ରମଣକାରୀ, ସ୍ୱାର୍ଥପର, ଅସହଯୋଗୀ, ଉଚ୍ଛୃଙ୍ଖଳିତ, ଉଦ୍ୟମହୀନ ହୋଇ ପଡୁଛି। ଆଜି ଆମେ ଶିଶୁଙ୍କ ମତାମତକୁ ପ୍ରାଧାନ୍ୟ ନ ଦେଉଥିବାରୁ ସେମାନେ ଧିରେ ଧିରେ ସ୍ୱେଚ୍ଛାଚାରିତା, ଅକ୍ରୋଶମୂଳକ ମନୋବୃତ୍ତି, ଅନାଗ୍ରହୀ, କଳହପ୍ରିୟ ଓ ଅସହିଷ୍ଣୁ ହୋଇ ଯାଉଛନ୍ତି। ଫଳରେ ଆମ ସମାଜର ଅବକ୍ଷୟ ଘଟୁଛି। ପିଲାମାନେ ପିତାମାତା ଅପେକ୍ଷା ସାଙ୍ଗସାଥୀ ଓ ଆୟା ପାଖରେ ଅଧିକ ସମୟ ଦେଉଛନ୍ତି। ରନ୍ଧନ କାର୍ଯ୍ୟ ଏବେ ହୋଟେଲ କରୁଛି। ସେବାକାର୍ଯ୍ୟ ଏବେ ଡାକ୍ତର ଓ ନର୍ସ କରୁଛନ୍ତି। ଏପରି ବି ଦେଖା ଯାଉଛି ଗୋଟିଏ ରୁମରେ ଗୋଟିଏ ଛାତ ତଳେ ବାପା, ମା, ପୁଅ, ଝିଅ ଚାରୋଟି ମୋବାଇଲ ଧରି ଘରର ଚାରିକୋଣକୁ ମୁହଁ କରି ବସୁଛନ୍ତି ଅଥଚ କେହି କାହା ସହିତ କଥା ପଦେବି ହେଉ ନାହାନ୍ତି। ଏହାଠାରୁ ବଳି ଦୁଃଖ କଣ ଅଛି ? କେହି କାହାର ଭାବକୁ ଓ ଆବେଗକୁ ପରିପ୍ରକାଶ କରୁନାହାନ୍ତି। ଫଳରେ ମନରେ ଆନେକ ଦୁଃଖ ବରଫ ପରି ଜମାଟ ବାନ୍ଧୁଛି। ନା ଏକାଠି ଭୋଜନ ଅଛି ନା ଏକାଠି ପୂଜା ଉପାସନା ଅଛି। ଅନ୍ଧବିଶ୍ୱାସ କହି ସବୁକୁ ଆମେ ଏଡ଼ାଇ ଦେଉଛୁ। ମନସ୍ତତ୍ତ୍ୱବିଦ୍‌ମାନେ କୁହନ୍ତି, ଶିଶୁଟି ଯଦି ଜେଜେମା, ଜେଜେ ବାପାଙ୍କ ଗହଣରେ ରହେ ତେବେ ସେ ଅଧିକ ବୁଦ୍ଧିମାନ ହୁଏ। ଖାଇବା, ପିନ୍ଧିବ, ସ୍ୱାର୍ଥ ତ୍ୟାଗ କରିବା, ଗୁରୁଜନଙ୍କୁ ସମ୍ମାନ କରିବା ଏସବୁ ଗୁଣ ପିଲାମାନେ ପରିବାରରୁ ଶିକ୍ଷାଲାଭ କରିଥାନ୍ତି। ସେଇଥିପାଇଁ ତ ଭକ୍ତକବି ମଧୁସୂଦନ ରାଓ ଲେଖିଥିଲେ, 'ବୈକୁଣ୍ଠ ସମାନ ଆହା ଅଟେ ସେହି ଘର
ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର ।।'

ଆମ ଭାରତୀୟ ସଂସ୍କୃତିରେ ନାରୀ ହେଉଛି ଗୃହ ସ୍ୱର୍ଗର ଅଧିଷ୍ଠାତ୍ରୀ ଦେବୀ। ପରିବାରର କେନ୍ଦ୍ରବିନ୍ଦୁ। କେବେ ଜାୟା, କେବେ ଦୁହିତା, ମା' ଓ ଭଗ୍ନୀ ରୂପରେ ପରିବାରକୁ ପ୍ରତିପୋଷଣ କରେ। ନାରୀ ଚାହିଁଲେ ସେ ପରିବାର ସ୍ୱର୍ଗ ହୁଏ, ତା'ର ଦୟା, କ୍ଷମା, ପ୍ରେମ, ତ୍ୟାଗ, ତିତିକ୍ଷା, ଶ୍ରଦ୍ଧା, ମମତା, ପ୍ରତିଦାନରେ ପରିବାର ହସିଉଠେ। ସେ ଯେଉଁଭଳି ମନ ନେଇ ଅନ୍ନ ରାନ୍ଧିବ ଏବଂ ପରଶିବ ତାହା ସେଇଭଳି ପ୍ରତିପୋଷଣ କରିବ ଏବଂ ତାର ଚିନ୍ତା, ଚେତନା ପରିବାରକୁ ସଦବୁଦ୍ଧି ଦେବ। ଯେଉଁଠି ମା'କୁ ସମ୍ମାନ ଦିଆଯାଏ ସେଠାରେ ପରିବାର ସ୍ୱର୍ଗ ହୁଏ। ଯେଉଁ ପରିବାରରେ ନାରୀଟିଏ ଗୁରୁଜନମାନଙ୍କୁ ସମ୍ମାନ ଦିଏ ସୌହାର୍ଦ୍ଦ୍ୟପୂର୍ଣ୍ଣ ବ୍ୟବହାର କରେ ସେ ଗୃହ ଓ ପରିବାର ସ୍ୱର୍ଗ ପାଲଟି ଯାଏ। ନାରୀ ହିଁ ପ୍ରୀତି, କରୁଣା, ମଧୁର ବ୍ୟବହାର, ବାତ୍ସଲ୍ୟ, ଦୟା, ପ୍ରେମ, ତ୍ୟାଗ ଓ ତିତିକ୍ଷାର ପ୍ରୟୋଗଶାଳା। ନାରୀ ପୁଣି ପରିବାର, ସମାଜ, ରାଷ୍ଟ୍ର ଓ ସଂସାରକୁ ସନ୍ତାନ ରୂପକ ଜୀବନ୍ତ ଉପହାର ପ୍ରଦାନ କରି ସନ୍ଥ, ସମ୍ରାଟ, ବୈଜ୍ଞାନିକ, ଚିତ୍ରକର, ଶିଳ୍ପୀ, ଚିକିତ୍ସକଙ୍କୁ ଜନ୍ମଦିଏ। ବୁଦ୍ଧିମତୀ ଗୃହିଣୀ ହିଁ ଯଶସ୍ୱୀ ଓ ବଳିଷ୍ଠ ପରିବାର ଗଠନ କରିବାରେ ସକ୍ଷମ ହୁଏ, ଯାହାର ତେଜରେ ଗୃହ ସାମ୍ରାଜ୍ୟ ଦେଦୀପ୍ୟମାନ ହୁଏ। ପତି, ସନ୍ତାନ ଓ ଆତ୍ମୀୟ ସ୍ୱଜନମାନେ ତାର ସ୍ନେହପୂର୍ଣ୍ଣ ଦୃଷ୍ଟି ଦ୍ୱାରା ନିଜକୁ ସଂସ୍କାରିତ କରି ନିଅନ୍ତି। ନାରୀ ପୁଣି ଜାୟା ଯିଏ ପୁରୁଷକୁ ଜନ୍ମଦିଏ, ସେ ଚାହିଁଲେ ଗୋଟିଏ ସୁସ୍ଥ, ସୁନ୍ଦର ଉତ୍ତମ ପରିବାର ଗଠନ କରି ସମାଜର ତଥା ରାଷ୍ଟ୍ରର ବିକାଶରେ ସହଭାଗୀ ହେବ, ଏଥିରେ ସନ୍ଦେହ ନାହିଁ।

# ଅଲ୍‌ଚିକି ଲିପି ଓ ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁ



ଇଂ ସତ୍ୟନାରାୟଣ ମାଝୀ
ଷ୍ଟାଣ୍ଡି କମିଟି ସଦସ୍ୟ, ରାଜ୍ୟ ବନ୍ୟପ୍ରାଣୀ ବୋର୍ଡ୍
ମୋ-୯୪୩୮୫୩୭୦୧୩

ସର୍ବଭାରତୀୟସ୍ତରରେ ଆଦିବାସୀ ଭାଷାଗୋଷ୍ଠୀର ଭାଷା ମଧ୍ୟରେ ସାନ୍ତାଳୀ ଭାଷା ବିଶେଷ ସ୍ଥାନର ଅଧିକାରୀ। ନିଜ ଭାଷା ଓ ସଂସ୍କୃତି ପାଇଁ ଆଜି ବି ସାନ୍ତାଳୀ ପ୍ରାଣ ନିଜର ବୈଶିଷ୍ଟ୍ୟ ପ୍ରଦାନ କରିଥାଏ। ନିଜ ଭାଷା ଓ ସଂସ୍କୃତିର ସୁରକ୍ଷା ପାଇଁ ସାନ୍ତାଳ ଯୁଗେ ଯୁଗେ ଆହ୍ୱାନର ସମ୍ମୁଖୀନ ହୋଇଥିଲେ ହେଁ ତା'ର ଭାଷା ତାକୁ ବଞ୍ଚାଇବା ପାଇଁ ଯୋଗାଇଛି ପ୍ରେରଣା। ବିଦେଶୀ ଶାସନକାଳଠାରୁ ଆରମ୍ଭକରି ଆଜି ପର୍ଯ୍ୟନ୍ତ ସାନ୍ତାଳୀଭାଷା ବିଭିନ୍ନ ଉତ୍ଥାନ ପତନ ମଧ୍ୟରେ ଗତିକରି ଏବି ବି ତା'ର ସ୍ୱାତନ୍ତ୍ର୍ୟ ବଜାୟ ରଖିଛି। ବିଦେଶୀ ଶାସନ କାଳରେ ଭାଷା ଉନ୍ନୟନ ନାମରେ ସାନ୍ତାଳୀ ଭାଷା, ସାହିତ୍ୟ ଓ ସଂସ୍କୃତିର ଗତିପଥ କ'ଣ ହୋଇଥିଲା-ସେକଥା ଭାଷା ଇତିହାସ ହିଁ କହିବ । ଆଜି ବି ବିଭିନ୍ନ ରାଜ୍ୟରେ ଆଞ୍ଚଳିକ ଭାଷାଲିପିର ଆତ୍ମପ୍ରକାଶ ପାଇଁ ଉଦ୍ୟମ ଅବ୍ୟାହତ ରହିଛି । ସେସବୁ ଭାଷା ଲିପି ଭାରତୀୟ ଏକତା ପ୍ରତି ଆଞ୍ଚ ଆଣିବାର ଆଶଙ୍କା ମଧ୍ୟ ରହିଛି। କିନ୍ତୁ ଏ ପରିପ୍ରେକ୍ଷୀରେ ସାରା ଭାରତରେ ବସବାସ କରୁଥିବା ସାନ୍ତାଳୀମାନଙ୍କର ସଂହତି ରକ୍ଷା ଦିଗରେ 'ଅଲଚିକି'ର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି 'ଅଲଚିକି'ର ସ୍ରଷ୍ଟା, ସାନ୍ତାଳୀଭାଷାର କବି, ସାହିତ୍ୟିକ, ଦାର୍ଶନିକ ଓ ଗବେଷକ ପଣ୍ଡିତ ରଘୁନାଥ ମୁର୍ମୁ ସାନ୍ତାଳୀ ଗୋଷ୍ଠୀର ଚିରପୂଜ୍ୟ ଗୁରୁ ଗୋମ୍‌କେ। ନିଜର ସୃଜନଶୀଳ ପ୍ରତିଭା, ଅଧ୍ୟବ୍ୟବସାୟ ଓ ମାତୃଭାଷା ପ୍ରତି ମମତ୍ୱବୋଧରୁ ତାଙ୍କ ବ୍ୟକ୍ତିତ୍ୱ ଉନ୍ମେଷ ଘଟିଛି । ସାନ୍ତାଳୀ ଭାଷାକୁ ଲୋକେ ଅତୀତରେ 'ଠାର' ବୋଲି କହି ବିଦ୍ରୁପ କରୁଥିଲେ। ଆଜି କିନ୍ତୁ ଏହି ଭାଷା ଭାରତୀୟ ସମ୍ବିଧାନର ଅଷ୍ଟମ ସୂଚୀରେ ସ୍ଥାନିତ ହୋଇ ଗୌରବ ମଣ୍ଡିତ। ପଣ୍ଡିତ ରଘୁନାଥ ମୁର୍ମୁ ଲୁପ୍ତପ୍ରାୟ ସଂସ୍କୃତି, ସାହିତ୍ୟ ଓ ଭାଷାକୁ ଲୋକମୁଖରେ ଜୀବନ୍ୟାସ କରିବା ପାଇଁ କଠୋର ସାଧନା କରିଥିଲେ । ତା'ର ପଠନ ହିଁ ଅଲଚିକ ଲିପି, ତାଙ୍କ ଦ୍ୱାରା ଏହି ଲିପିର ଉଦ୍ଭାବନ ସାନ୍ତାଳୀ ଜାତିର ଭାଷା କୋଳରେ କେତେ ଯେ, ମହାପୁରୁଷ, ମହାମାନବ, କର୍ମବୀର, ଚିନ୍ତାନାୟକ ଜନ୍ମଗ୍ରହଣ କରିଛନ୍ତି, ତା'ର ହିସାବ ନାହିଁ । ସେମାନେ ସେମାନଙ୍କର ଜୀବନ ଇତିହାସ ମଧ୍ୟରେ କର୍ମ, ଚିନ୍ତା, ଶିକ୍ଷା ଓ ବିଜ୍ଞାନ ସାଧନା ଇତ୍ୟାଦିର ପ୍ରଦୀପ୍ତ ପରିଚୟ ରଖିଯାଇଛନ୍ତି । ଏହିସବୁ ଆଦର୍ଶ ସନ୍ତାନଗଣଙ୍କ ମଧ୍ୟରେ ପଣ୍ଡିତ ମୁର୍ମୁ ଅନ୍ୟତମ। ଅସାଧାରଣ କର୍ମସାଧନା, ଗଭୀର ଜାତି ହିତୈଷୀ, ସାନ୍ତାଳ ସାହିତ୍ୟ ଓ ସଂସ୍କୃତିପ୍ରେମୀ, ସର୍ବୋପରି ସାନ୍ତାଳୀ ଭାଷାର ଲିପିକାର ହିସାବରେ ଭାରତବର୍ଷର ବିଭିନ୍ନ ପ୍ରାନ୍ତରେ ସାନ୍ତାଳୀ ଭାଷାର ଜନସମାଜ ତଥା ଭାରତବାସୀଙ୍କ ମନ ମନ୍ଦିରରେ ସେ ଚିର ସମ୍ମାନରେ ଆସୀନ। ତାଙ୍କର ଜୀବନାଦର୍ଶ ପ୍ରତ୍ୟେକ ଲିପି ଓ ଭାଷାପ୍ରେମୀ ନିକଟରେ ଧ୍ୟେୟର ବିଷୟ । ରାତ୍ରିର ଅନ୍ଧକାରରେ ଆଚ୍ଛନ୍ନ ପ୍ରକୃତିକୁ ଆଲୋକିତ କରିବା ପାଇଁ ପୂର୍ବାକାଶେ ପାହାଡର ଗୁମ୍ଫା ମଧ୍ୟରୁ ବର୍ଣ୍ଣାଳୀ ଆଲୋକର ଛିଟାରେ ଦିଗନ୍ତ ରେଖା, ଭେଦକରି ଯେମିତି ଦିନମଣି ସୂର୍ଯ୍ୟର ଆଗମନ ଘଟେ ଏବଂ ଯାହାର ଆଲୋକରେ ଆସ୍ୱାଦନ ପାଇ ପ୍ରକୃତି ସଜୀବତା ଲାଭକରେ ଠିକ୍ ସେଇ ସୂର୍ଯ୍ୟପରି ପଣ୍ଡିତ ରଘୁନାଥ ଭାରତବର୍ଷର ସାନ୍ତାଳୀ ଭାଷାଭାଷୀ ଲୋକଙ୍କର ଅନ୍ଧ ଅଜ୍ଞାତର ଅନ୍ଧକାରମୟ ଅବସ୍ଥାକୁ ଲିଖିତଭାବେ ଭାବ ଆଦାନ ପ୍ରଦାନର ପ୍ରତିବନ୍ଧକତାକୁ ଏବଂ ଭାଷା, ସାହିତ୍ୟ ଓ ସଂସ୍କୃତିର ଅବଲୁପ୍ତିକୁ ଦୂର କରିବା ପାଇଁ ଲୁପ୍ତପ୍ରାୟ ଜାତିର ଭାଗ୍ୟାକାଶେ ପ୍ରଦେଶର ବିଭାଗ ରେଖା ଭେଦ କରି କର୍ମର ଆଲୋକ ଜାଳି ଦେଇଥିଲେ। ତାଙ୍କର ଆବିଷ୍କୃତି ଲିପି ସଂସ୍କାର ଅନ୍ଧକାରେ ନିମଜ୍ଜିତ ଲୁପ୍ତପ୍ରାୟ ସଂସ୍କୃତି ଓ ଭାଷାକୁ ପୁନର୍ଜୀବିତ କରିବାର ଅମୋଘ ଅସ୍ତ୍ର। ଆଜକୁ ପ୍ରାୟ ଦୁଇଶହବର୍ଷ ପୂର୍ବର ଇତିହାସ ଆମେ ଯଦି ଦେଖୁ, ତାହାହେଲେ ସ୍ପଷ୍ଟ ବୁଝାଯାଏ ଯେ, ସାନ୍ତାଳ ନାମକ ଜାତି ଅନେକବାର ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ବାଧା ବିପତ୍ତିର ସମ୍ମୁଖୀନ ହୋଇଥିଲା। ଅଥଚ ଏହାର ଲିଖିତ ପରମ୍ପରା ନଥିବାରୁ ମହାନ୍ ପ୍ରତିଭାବାନ ପଣ୍ଡିତ ରଘୁନାଥ ମୁର୍ମୁ ଜାଗି ଉଠିଥିଲେ। ପଣ୍ଡିତ ମୁର୍ମୁ ଓଡିଶାର ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ନିକଟବର୍ତ୍ତୀ ଦାଣ୍ଡବୋଷ ଗ୍ରାମରେ ୧୯୦୫ ମସିହା ବୈଶାଖ ପୂର୍ଣ୍ଣିମାରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମଥିଲା ନନ୍ଦଲାଲ୍ ମୁର୍ମୁ ଓ ମାତାଙ୍କ ନାମଥିଲା ସଲମା ମୁର୍ମୁ। ପୂର୍ବେ ତାଙ୍କର ନାମ ରଖାଯାଇଥିଲା ଚୁନୁ। କିନ୍ତୁ ବାଲ୍ୟକାଳରେ ରୋଗରେ ପଡିବାରୁ କବିରାଜଙ୍କ ପରାମର୍ଶକ୍ରମେ ରଘୁ ନାମ ରଖାଯାଇଥିଲା। ପରେ ରଘୁନାଥ ନାମରେ ପରିଚିତ ହେଲେ। ୧୯୧୨-୧୩ ମସିହାରେ ୭/୮ ବର୍ଷ ବୟସରେ ସେ ଗମ୍ଭାରିଆ ପ୍ରାଥମିକ ବିଦ୍ୟାଳୟରେ ନାମ ଲେଖାଇଲେ । ସେଠାରୁ ଉତ୍ତୀର୍ଣ୍ଣ ହୋଇ ବହଳଦାରେ ନାମ ଲେଖାଇଥିଲେ। ଏହାପରେ ବାରିପଦାରୁ ୧୯୧୮ରେ ମ୍ୟାଟ୍ରିକ ପାଶ କରିଥିଲେ। ଏହାପରେ ନହା ବାସ୍କେଙ୍କ ପାଣି ଗ୍ରହଣ କରିଥିଲେ । ୧୯୨୫ ମସିହାରେ ସେ 'ଅଲଚିକ' ଉଦ୍ଭାବନ କଲେ। ଏଥି ପୂର୍ବରୁ ବିଦେଶାଗତ ମିଶନାରୀମାନେ ରୋମାନ୍ ଲିପି ସାହାଯ୍ୟରେ ସାନ୍ତାଳୀ ଭାଷା ଓ ସାହିତ୍ୟ ରଚନା କରି ସାନ୍ତାଳୀ ଭାଷା ଓ ସାହିତ୍ୟ ଏକ ସମ୍ମାନଜନକ ସ୍ଥିତିରେ ପହଞ୍ଚି ପାରିଥିଲା । ମାତ୍ର ରୋମାନ୍ ଲିପି ସାନ୍ତାଳୀ ଭାଷାର ଉଚ୍ଚାରଣଗତ ଓ ଧ୍ୱନିଗତ ମୂଲ୍ୟକୁ ଅକ୍ଷୁର୍ଣ୍ଣ ରଖିବାରେ ସମର୍ଥ ହୋଇପାରିନଥିଲା ଓ ସୁତରାଂ ଅଲଚିକି ଉଦ୍ଭାବନ ଦ୍ୱାରା ଏହି ଅଭାବ ପୂରଣ ହୋଇପାରିଥିଲା। ସାନ୍ତାଳୀଭାଷାର ଲିପିର ଆକୃତି କୃତି ନିଜସ୍ୱ ପରିବେଶ ଓ ଦୈନନ୍ଦିନ ଜୀବନରୁ ଗ୍ରହଣ କରାଯାଇଥିବା ହେତୁ ତାହା ସମସ୍ତଙ୍କୁ ଆକୃଷ୍ଟ କରିପାରିଛି । ଏଥିରେ କୌଣସି ଜଟିଳତତ୍ତ୍ୱ କିମ୍ବା ଦୁର୍ବୋଧ ଭାବନା ଦେଖିବାକୁ ମିଳେ ନାହିଁ। ନିତ୍ୟବ୍ୟବହାର୍ଯ୍ୟ ଦାଆ, ଲଙ୍ଗଳ, ମଣିଷର ଅଙ୍ଗଭଙ୍ଗୀର ଛବି ଅଲଚିକ ବର୍ଣ୍ଣମାଳାରେ ସ୍ଥାନ ପାଇଛି।

ଅଲଚିକ ଲିପିରେ ପଣ୍ଡିତ ମୁର୍ମୁ ନାଟକ 'ବିଦୁ ଚାନ୍ଦାନ' ରଚନା କରିଛନ୍ତି । ତାଙ୍କର ଅନ୍ୟାନ୍ୟ କୃତିମାନଙ୍କ ମଧ୍ୟରେ ଖେରୱାଲବୀର ନାଟକ ଅନ୍ୟତମ । ସେହିପରି ସିଦକାହ୍ନୁ, ପାର୍ଶିପୋହା, ଦାଳେଗେ ଧନ, ଏଲଖା, ହିତଲ୍, ରନଳ ପ୍ରଭୃତି ଅମୂଲ୍ୟ ସମ୍ପଦ। ଲିପିର ପ୍ରଚାର ପାଇଁ ସେ ବିଭିନ୍ନ ପ୍ରଦେଶ ଯାଇ ଏହାର ବ୍ୟାପକତ ପ୍ରସାର କରିଛନ୍ତି । ସାନ୍ତାଳୀ ସାହିତ୍ୟକୁ ତାଙ୍କର ମହା ଦାନ ପାଇଁ ସେ ଚିରଦିନ ଅମର ହୋଇରହିବେ। ତାଙ୍କ ବିଷୟରେ କହିବାକୁ ଯାଇ ଅନେକ ମତବ୍ୟକ୍ତ କରିଥାନ୍ତି ଯେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଭଳି ପ୍ରତିଭାବାନ୍ ବ୍ୟକ୍ତି ବିରଳ।

# ଗଣ ଆନ୍ଦୋଳନ-୨

ପଙ୍କଜ କୁମାର ପାଣିଗ୍ରାହୀ
ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗଂଜାମ-୭୬୧୦୨୦
ଦୂରଭାଷ.: ୯୪୩୭୩୨୪୯୧୭

ଗଣ ଆନ୍ଦୋଳନର ପରିଭାଷା ପ୍ରକଟ କରିଥାଏ, ଯେ ବିଚାରକ ଜଣେ ଅବୁଝା ମଣିଷ ଯାହାଙ୍କ ଶାସନ ଏକ ଜନ ବିରୋଧୀ କାର୍ଯ୍ୟ ମଧ୍ୟରେ ସମାହିତ । ଶାସକ ରାଜା ଯଦି ଅଖଣ୍ଡ କ୍ଷମତାଧାରୀ ହୋଇଥା'ନ୍ତି ଏବଂ ସମ୍ପୃକ୍ତ ଆନ୍ଦୋଳନକାରୀ ନିଜର ନ୍ୟାର୍ଯ୍ୟ ଦାବି ଗୁଡିକ ଉପସ୍ଥାପନ କଲେ ମଧ୍ୟ କୌଣସି କର୍ଣ୍ଣପାତ କରାଯାଇ ନଥାଏ ତାହେଲେ ହିଂସାତ୍ମକ ପରିବେଶ ସୃଷ୍ଟି ହୋଇଥାଏ ଅନେକ ସମୟରେ । ହିଂସାତ୍ମକ ଜନତାଙ୍କୁ ବିରୋଧ କରି ଶାସକ ରାଜା ପ୍ରତିହିଂସା ପରାୟଣ ହୋଇ ଯେଉଁ କିଛି ବିଷୟ ବିଚାରକୁ ନେବା ପାଇଁ କେତେବେଳେ ଚେତନାସିକ୍ତ ହେବା କଥା ସେଗୁଡିକୁ ମଧ୍ୟ ବାଜ୍ୟାପ୍ତ କରିଥା'ନ୍ତି ପ୍ରକାଣ୍ଡ ଆଇନର ଧାରା ଲଗାଇ । ସେହିଭଳି ପରିସ୍ଥିତିରେ ଆନ୍ଦୋଳନକାରୀ ଆନ୍ଦୋଳନରୁ ପ୍ରତ୍ୟାହତ ହୋଇ ପୁନର୍ବାର ନିଜସ୍ୱ ସୀମା ମଧ୍ୟରେ ରହି ଜୀବନ ବଂଚିବାର ସୁଯୋଗ ଲୋଡୁଥିବା ବେଳେ ରାଜାଙ୍କ ଆହୁରି କଠୋର ନୀତି ଗୁଡିଏ ସେମାନଙ୍କ ଉପରେ ପ୍ରଭାବିତ କରି ଏକ ଅପ୍ରୀତିକର ପରିବେଶ ସୃଷ୍ଟି ହୋଇଥାଏ ଯାହାକୁ ସାଧାରଣ ଜନତା ସହ୍ୟ କରିବା କଠୋର ହୋଇପଡେ । ତେଣୁ ଗଣତନ୍ତ୍ର ବିହୀନ ରଜତନ୍ତ୍ରିକ ବ୍ୟବସ୍ଥା ମଧ୍ୟରେ ନିଜର ଗୁହାରି ଜଣାଇବା ପାଇଁ ନିଷ୍ପତ୍ତି ନିଆଯିବା ପୂର୍ବରୁ ବହୁବାର ବିଚାର କରି ସମ୍ପୃକ୍ତ ରାଜାଙ୍କ ବିଚାରଶୀଳ ମନ୍ତବ୍ୟ ଗୁଡିକୁ ତନଖି ନିଜର ଦାବି ଉପସ୍ଥାପନ କରାଯିବା ବାଞ୍ଛନୀୟ। ଅନ୍ୟଥା କେବଳ ନିଜର ଅର୍ଥ, ଭାବାବେଗ ତଥା ବହୁ ମୂଲ୍ୟ ସମୟ ନଷ୍ଟ କରି ଶେଷରେ ପରାଜୟ ସ୍ୱୀକାର କରିବାକୁ ପଡିବ, ଏ କଥାକୁ ଭୁଲିଯିବାକୁ ହେବନାହିଁ।

ଆମ ଦେଶର ଶାସନ ତନ୍ତ୍ର ବିଷୟରେ ବିଚାର କରି ଦେଖିଲେ ଜାଣିହେବ, ଯେ ଏହା ଭାରତୀୟ ସାଂସ୍କୃତିକ ବିଚାରଧାରା ତଥା ଭାରତୀୟ ଆର୍ଯ୍ୟ ପରମ୍ପରା ରହିତ କେବଳ ଇଂରେଜ ଶାସନର ଏକ ନକଲ ମାତ୍ର ଯେଉଁଥିରେ ଜନବିରୋଧି ରାଜତନ୍ତ୍ରିକ ପରିଭାଷା ୯୦ ଶତକଡ଼ାରୁ ଅଧିକ ରହିଥିବା ବେଳେ ଜନସ୍ୱାର୍ଥ ଉଦ୍ଦେଶ୍ୟରେ କେବଳ ୧୦ ଶତକଡ଼ାରୁ କମ୍ ନିୟାମକ ଗୁଡିଏ ଦେଖିବାକୁ ମିଳିବ। କେଉଁ ସମୟରେ ବ୍ରିଟେନରେ ସାଧାରଣ ମଣିଷଙ୍କ ଦ୍ୱାରା କୌଣସି କାରଣରେ ତେଜି ଉଠିଥିବା ଗଣତନ୍ତ୍ର ବୋଲି ଏକ ଶବ୍ଦକୁ ଅତ୍ୟନ୍ତ ଷଡ଼ଯାନ୍ତ୍ରୀକ ଉପାୟରେ ଲେଖାଯାଇ ଲୋକଙ୍କୁ ଭୁଆଁ ବୁଲାଇ ପ୍ରସ୍ତୁତ ସେମାନଙ୍କ ସମ୍ବିଧାନ ଏକ ଗଣତାନ୍ତ୍ରିକ ସମ୍ବିଧାନ ନୁହେଁ। କାରଣ ଭାରତୀୟଙ୍କ ଠାରୁ ଇଂରେଜ ମାନଙ୍କ ମାନବିକ ଚେତନା ଜ୍ଞାନ ଖୁବ୍ କମ୍ ରହିଥବା ବେଳେ ସେମାନଙ୍କ ଅନ୍ୟାନ୍ୟ ପାର୍ଥିବ ତଥା ବୈଜ୍ଞାନିକ ଏବଂ କୂଟନୀତି ଜ୍ଞାନ କୌଶଳ ଭାରତୀୟଙ୍କ ଠାରୁ ଯଥେଷ୍ଟ ଉର୍ଦ୍ଧ୍ୱରେ । ତେଣୁ ସେମାନଙ୍କ କୂଟନୈତିକ ଜ୍ଞାନ କୌଶଳରୁ ଉଦ୍ଧୃତ ସମ୍ବିଧାନ ଏକ ମାନବ ପ୍ରେମୀ ସାମ୍ବିଧାନିକ ପ୍ରେରଣା ଦେବାରେ ବିଫଳ ନିଶ୍ଚିତ। ସେମାନଙ୍କ ମାନବିକ ଚେତନା ଜ୍ଞାନ ଅତ୍ୟନ୍ତ କ୍ରୁର ଏବଂ କଠୋର । ସେମାନଙ୍କ ସମୟ ସାପେକ୍ଷ କଠୋର ନୀତି ଗୁଡିକୁ ସାମ୍ବିଧାନିକ କ୍ଷେତ୍ରରେ ପ୍ରାୟୋଜିତ କରି ଯେଉଁ ସମ୍ବିଧାନ ଲେଖା ଯାଇଅଛି ତାକୁ ଏକ ଗଣତାନ୍ତ୍ରିକ ସମ୍ବିଧାନର ଆଖ୍ୟା ଦେଇ ତାର ପ୍ରତିଲିପିକୁ ଆମ ଦେଶର ଏକ ଗଣତାନ୍ତ୍ରିକ ସମ୍ବିଧାନ କହିବା ଏକ ହାସ୍ୟାସ୍ପଦର ବିଷୟ ଯାହା ଏପର୍ଯ୍ୟନ୍ତ କେହି ଭଲଭାବେ ବୁଝି ନାହାନ୍ତି। ତେଣୁ ଆମ ଦେଶରେ ଗଣତନ୍ତ୍ର ନଥିଲା, ନାହିଁ କି ଆଗକୁ ମଧ୍ୟ କେବେ ରହିବ କି ନାହିଁ ସନ୍ଦେହ !

ଏହିଭଳି ପରିସ୍ଥିତି ପରିବେଶରେ ଆମେ ନିଜକୁ ଏକ ଗଣତନ୍ତ୍ର ରାଷ୍ଟ୍ରର ସଦସ୍ୟ ବୋଲି ସାନ୍ତ୍ୱନା ଦେଇ ଯେଉଁ ପଥ ଅତିକ୍ରମ କରିଚାଲିଛେ ଅଥବା ବିଭିନ୍ନ ସମୟରେ ଆରୋହିତ ଶାସକ ରାଜାଙ୍କ ନିକଟରେ ସାଧାରଣ ଦାବି ଗୁଡିକ ଉପସ୍ଥାପନ କରୁଛେ ସେଗୁଡିକ କେତେ ବିଚାରକୁ ନିଆଯିବ ଖୁବ୍ ଅନୁମେୟ । ଏକ ଦର୍ଶନୀ ଗଣତନ୍ତ୍ରରେ ରାଜତନ୍ତ୍ରିକ ଶାସନ ବ୍ୟବସ୍ଥାରେ ସାଧାରଣ ମଣିଷ ସମୂହ ନିଷ୍ପେସିତ ହୋଇ ରହିବା ଅତ୍ୟନ୍ତ ଧାର୍ଯ୍ୟ ଯାହା ପିଢ଼ିକୁ ପିଢ଼ି ଆମେ ସହ୍ୟ କରି ଅସୁଅଛେ, ରାଜତନ୍ତ୍ରର ଉତ୍ଥାନ ତଥା ପରାଧିନ ଏବଂ ସ୍ୱାଧୀନ ହେବା ଠାରୁ ଅଦ୍ୟାବଧି। ଏଠି ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଚିନ୍ତାଧାରା ବିଶିଷ୍ଟ ଶାସକ ରାଜା ଦଳ ସାଧାରଣ ଲୋକଙ୍କୁ ମଧୁର ବଚନ କହି ଯେଉଁ ମତ ଗ୍ରହଣ ପୂର୍ବକ ନିଜକୁ ଶାସକ ରାଜା ଭାବେ ପ୍ରତିପାଦିତ କରୁଛନ୍ତି ଏବଂ ସେମାନଙ୍କ ପିଢ଼ିକୁ ପିଢ଼ି ଯେଉଁ ବର୍ବରତାର ସହିତ ଶାସନ କରି ସାଧାରଣ ଲୋକଙ୍କୁ ପ୍ରତାରିତ କରି ରଖିଛନ୍ତି ସେଗୁଡିକର ଶେଷ ଆଉ ନାହିଁ ବୋଧେ ? ଏକ ବ୍ୟାପକ ଜନଜାଗରଣ ତଥା ସାମୁହିକ ମୁକାବିଲା ପରିସ୍ଥିତି ସାପେକ୍ଷ ଜନ ଆନ୍ଦୋଳନ ନହେବା ପର୍ଯ୍ୟନ୍ତ ଦେଶରୁ ରାଜତନ୍ତ୍ର ହଟିବ ନାହିଁ ଏ କଥାରେ କୌଣସି ଦ୍ୱିମତ ନାହିଁ। ସବୁ ବର୍ଗର ସମସ୍ତ ସାଧାରଣ ଲୋକେ ଏକତ୍ରିତ ହୋଇ ଏକ ବିଶାଳ ଜନ ଆନ୍ଦୋଳନ ନକରିବା ପର୍ଯ୍ୟନ୍ତ ଏମିତି କୌଣସି ସାମ୍ପ୍ରଦାୟୀକ କିମ୍ବା ଗୋଷ୍ଠିଗତ ଆନ୍ଦୋଳନକୁ କେହି ଧ୍ୟାନ ଦେବେନାହିଁ ସ୍ୱାର୍ଥ ପୁରଣ ହେବା ସମ୍ଭାବନା ଖୁବ୍ କମ୍ ନିଶ୍ଚୟ ।

ତେଣୁ ଜନ ଆନ୍ଦୋଳନ କରିବା ପୂର୍ବରୁ ପ୍ରଥମେ ନିଜ ଚତୁର୍ପାର୍ଶ୍ୱର ପରିବେଶ ପରିସ୍ଥିତି କୁ ଧ୍ୟାନ ନଦେଇ ଯେକୌଣସି ମୁହୂର୍ତ୍ତରେ ଏକ ସାଙ୍ଗଠନିକ ଆନ୍ଦୋଳନ କରି ୧ ପ୍ରତିଶତ ଗୋଷ୍ଠୀ ମଧ୍ୟ କୃତକାର୍ଯ୍ୟ ହେଉନଥିବା ଦେଖିବାକୁ ମିଳିବ ସଠିକ ଆକଳନ କଲେ। ସବୁ ମଣିଷଙ୍କ ମନରେ ଜାଗ୍ରତ ହେଉଥିବା ସିଂହରଣ ଗୁଡିକ କେବଳ ସୀମିତ ଗୋଷ୍ଠୀଙ୍କ ମଧ୍ୟରେ ରହି ଆନ୍ଦୋଳନ କରିବାରେ କେହି ତାକୁ ଖାତିରି କରିବେ ନାହିଁ, କରୁନାହାନ୍ତି ମଧ୍ୟ ଯାହା ସମସ୍ତେ ଦେଖୁଛନ୍ତି, ଜାଣୁଛନ୍ତି । ତଥାପି ଆଶା ଯେ ମଣିଷର ଅପାର, ଆମେ କିଛି କରିବୁ ଆଉ ମାତ୍ର ସ୍ୱାର୍ଥ ହାସଲ କରିବା ଯାହା ଅନେକାଂଶରେ ବିଫଳ ହେଉଛି ଆଜି ସମୟରେ । (କ୍ରମଶଃ)

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କଲେ ବିରାଟ

## ୧୪ ବର୍ଷର ଟେଷ୍ଟ କ୍ୟାରିୟରରେ ପଡ଼ିଲା ଯବନିକା

**ନୂଆଦିଲ୍ଲୀ**

ବିରାଟ କୋହଲି ଟେଷ୍ଟ କ୍ରିକେଟରୁ ଅବସର ନେଇସାରିଛନ୍ତି। ରୋହିତ ଶର୍ମାଙ୍କ ଅବସରର ମାତ୍ର କିଛି ଦିନ ପରେ, ସେ ଲାଲ ବଲ ଫର୍ମାଟକୁ ମଧ୍ୟ ଅଲ୍‌ବିଦା କହିଛନ୍ତି। ରୋହିତ ଏବଂ ବିରାଟଙ୍କ ଯୋଡ଼ି ଟି-୨୦ ଏବଂ ଟେଷ୍ଟ ଉଭୟ ଫର୍ମାଟରେ ଦେଖିବାକୁ ମିଳିବ ନାହିଁ। ୩୬ ବର୍ଷୀୟ କୋହଲି ଜୁନ ୨୦୧୧ରେ ତାଙ୍କର ଟେଷ୍ଟ କ୍ୟାରିୟର ଆରମ୍ଭ କରିଥିଲେ ଏବଂ ତାଙ୍କର ୧୪ ବର୍ଷର ଲମ୍ବା ଟେଷ୍ଟ କ୍ୟାରିୟରରେ ସେ ଅନେକ ରେକର୍ଡ ଭାଙ୍ଗିଛନ୍ତି।



ବିରାଟ କୋହଲି ହେଉଛନ୍ତି ଟେଷ୍ଟ କ୍ରିକେଟରେ ଅଧିନାୟକ ଭାବରେ ସର୍ବାଧିକ ଶତକ ମାରିଥିବା ଖେଳାଳି। ବିରାଟ ୬୮ଟି ଟେଷ୍ଟ ମ୍ୟାଚ୍‌ରେ ଟିମ୍ ଇଣ୍ଡିଆର ଅଧିନାୟକତ୍ୱ କରିଥିଲେ। ଏଥିରୁ ସେ ୨୦ଟି ଇନିଂସରେ ଗୋଟିଏ ଶତକ ମାରିଥିଲେ। ଭାରତୀୟ ଅଧିନାୟକ ଭାବରେ ସର୍ବାଧିକ ଟେଷ୍ଟ ଶତକ ହାସଲ କରିଥିବା ଖେଳାଳିଙ୍କ ତାଲିକାରେ ସୁନୀଲ ଗାଭାସ୍କର ଦ୍ୱିତୀୟ ସ୍ଥାନରେ ଅଛନ୍ତି, ଯିଏ ଅଧିନାୟକ ଭାବରେ ୧୧ଟି ଶତକ ହାସଲ କରିଥିଲେ।

ବିରାଟ କୋହଲି ହେଉଛନ୍ତି ଜଣେ ଭାରତୀୟଙ୍କ ଦ୍ୱାରା ଟେଷ୍ଟ ଫର୍ମାଟରେ ସର୍ବାଧିକ ଦ୍ୱିଶତକ ହାସଲ କରିଥିବା ବ୍ୟାଟ୍‌ସମ୍ୟାନ। ସେ ତାଙ୍କର ୧୪ ବର୍ଷର ଲାଲ ବଲ କ୍ୟାରିୟରରେ ୭ଟି ଦ୍ୱିଶତକ ହାସଲ କରିଥିଲେ। ତାଙ୍କର ଶେଷ ଦ୍ୱିଶତକ ୨୦୧୯ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଆସିଥିଲା। ସଚିନ ତେନ୍ଦୁଲକର ଏବଂ ବୀରେନ୍ଦ୍ର ସେହ୍ୱାଗ ଉଭୟ ଟେଷ୍ଟରେ ୬ଟି ଦ୍ୱିଶତକ ମାରିଛନ୍ତି।

ବିରାଟ କୋହଲି ତାଙ୍କ କ୍ୟାରିୟରରେ ସୌରଭ ଗାଙ୍ଗୁଲି, ମହମ୍ମଦ ଆଝାରୁଦ୍ଦିନ ଏବଂ ଏମ୍‌ଏସ୍ ଧୋନୀଙ୍କ ପରି କିମ୍ବଦନ୍ତୀ ଅଧିନାୟକଙ୍କୁ ପଛରେ ପକାଇ ଦେଇଛନ୍ତି। ବିରାଟ ଟେଷ୍ଟରେ ଭାରତର ସବୁଠାରୁ ସଫଳ ଅଧିନାୟକ ଥିଲେ। ତାଙ୍କ ନେତୃତ୍ୱରେ ଟିମ୍ ଇଣ୍ଡିଆ ୬୮ଟି ଟେଷ୍ଟ ମ୍ୟାଚ୍ ମଧ୍ୟରୁ ୪୦ଟି ଜିତିଥିଲା। ତାଙ୍କ ଅଧିନାୟକତ୍ୱରେ ଭାରତର ବିଜୟ ପ୍ରତିଶତ ୫୮.୮୨ ଥିଲା। ୧୦ରୁ ଅଧିକ ଟେଷ୍ଟ ମ୍ୟାଚ୍‌ରେ ଟିମ୍ ଇଣ୍ଡିଆର ଅଧିନାୟକତ୍ୱ କରିଥିବା ଖେଳାଳିଙ୍କ ମଧ୍ୟରେ ବିରାଟଙ୍କ ବିଜୟ ପ୍ରତିଶତ ସର୍ବାଧିକ।

ବିରାଟ କୋହଲି ପ୍ରଥମ ଭାରତୀୟ ଖେଳାଳି ଭାବେ ବିଦେଶ ଗସ୍ତରେ ୪ଟି ଶତକ ମାରିଛନ୍ତି। ସେ ୨୦୧୪-୧୫ ଅଷ୍ଟ୍ରେଲିଆ ଗସ୍ତରେ ୪ଟି ଶତକ ମାରିଥିଲେ। ଏହା ବ୍ୟତୀତ ସେ ୨୦୧୬-୧୭ ଇଂଲଣ୍ଡ ସିରିଜରେ ମଧ୍ୟ ୪ଟି ଶତକୀୟ ଇନିଂସ ଖେଳିଥିଲେ।

ବିରାଟ କୋହଲି ଟେଷ୍ଟ କ୍ରିକେଟ ଇତିହାସରେ ଭାରତ ପାଇଁ ଚତୁର୍ଥ ସର୍ବାଧିକ ରନ ସ୍କୋରର। ସେ ତାଙ୍କର ୧୨୩ଟି ଟେଷ୍ଟ ମ୍ୟାଚ କ୍ୟାରିୟରରେ ୯,୨୩୦ ରନ କରିଥିଲେ। ଏହି ତାଲିକାରେ ତାଙ୍କ ଉପରେ କେବଳ ସଚିନ ତେନ୍ଦୁଲକର, ରାହୁଲ ଦ୍ରାବିଡ଼ ଏବଂ ସୁନୀଲ ଗାଭାସ୍କର ଥିଲେ।

## ଦୀପିକା, ସାଲୁଙ୍କେଙ୍କୁ ବ୍ରୋଞ୍ଜ ଭାରତକୁ ୭ ପଦକ

**ଶାଙ୍ଘାଇ**

ଭାରତର ସବୁଠୁ ସଫଳ ତୀରନ୍ଦାଜ ଦୀପିକା କୁମାରୀ ଓ ପାର୍ଥ ସାଲୁଙ୍କେ ଆର୍ଚେରୀ ୱାର୍ଲଡକପ୍ ଷ୍ଟେଜ-୨ରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ଏଥିସହିତ ଟୁର୍ଣ୍ଣାମେଣ୍ଟରେ ଭାରତ ମୋଟ ୭ ପଦକ ସହ ଅଭିଯାନ ଶେଷ କରିଛି। ଏଥିପୂର୍ବରୁ କମ୍ପାଉଣ୍ଡ ତୀରନ୍ଦାଜମାନେ ୫ଟି ପଦକ ଜିତିଥିଲେ। ଦୀପିକା ମହିଳା ରିକର୍ଭ ବ୍ୟକ୍ତିଗତ ସେମିଫାଇନାଲରେ ଅଲିମ୍ପିକ ଚାମ୍ପିୟନ ଲିମ ଶିହେଅନଙ୍କ ଠାରୁ ୧-୭ ବ୍ୟବଧାନରେ ପରାଜିତ ହୋଇଥିଲେ। ଏହାପରେ ବ୍ରୋଞ୍ଜ ପଦକ ମ୍ୟାଚ୍‌ରେ ୩୦ ବର୍ଷୀୟା ୪ ଥରର ଅଲିମ୍ପିଆନ ୭-୩ ବ୍ୟବଧାନରେ କୋରିଆର କାଙ୍ଗ ଚାଏ ୟଙ୍ଗଙ୍କୁ ହରାଇଛନ୍ତି। ପୁରୁଷ ବିଭାଗରେ ୨୧ ବର୍ଷୀୟ ସାଲୁଙ୍କେ ସେମିଫାଇନାଲରେ ଟପ ସିଡ୍ କୋରିଆର କିମ୍ବଦନ୍ତୀ କିମ୍ ଉଜିନଙ୍କଠାରୁ ୧-୭ରେ ପରାଜିତ ହୋଇଥିଲେ। ବ୍ରୋଞ୍ଜ ପଦକ ପ୍ଲେଅଫ ମ୍ୟାଚ୍‌ରେ ସେ ୬-୪ ବ୍ୟବଧାନରେ ଫ୍ରେଞ୍ଚ ଆର୍ଚର ବାପ୍ଟିଷ୍ଟେ ଆଡିସଙ୍କୁ ପରାସ୍ତ କରିଥିଲେ।

## ଅସ୍ତ୍ରବିରତି ପରେ ପିଏସ୍ଏଲ୍ ଆରମ୍ଭ ଲାଗି ପିସିବିର ବଡ଼ ଯୋଜନା

**କରାଚୀ**

ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ସସ୍‌ପେଣ୍ଡ ହୋଇଥିବା ପାକିସ୍ତାନ ସୁପର ଲିଗ୍ (ପିଏସ୍ଏଲ୍)ର ପୁନଃ ଆରମ୍ଭ ପାଇଁ ଯୋଜନା କରୁଛି। ଏପରିକ ବିଭିନ୍ନ ଦଳ ତରଫରୁ ଖେଳୁଥିବା ବିଦେଶୀ ଖେଳାଳିମାନେ ପ୍ରତ୍ୟାବର୍ତ୍ତନ ନ କଲେ ମଧ୍ୟ ଚଳିତମାସ ପରବର୍ତ୍ତୀ ଭାଗରେ ଏକ ଟି୨୦ ସିରିଜ୍ ଖେଳିବା ଲାଗି ବାଂଲାଦେଶ ଆସିବା ପୂର୍ବରୁ ଟୁର୍ଣ୍ଣାମେଣ୍ଟର ଅବଶିଷ୍ଟାଂଶ ଶେଷ କରିବା ଲାଗି ବିଚାର କରୁଛି।

ଭାରତ ସହିତ ଅସ୍ତ୍ରବିରତି ଚୁକ୍ତି ପରେ ପିସିବି ସୂତ୍ରରୁ ମିଳିଥିବା ଏକ ଖବର ଅନୁସାରେ ପିସିବି ମେ ୧୬ ସୁଦ୍ଧା ପିଏସ୍ଏଲ୍ ଆରମ୍ଭ କରିବା ଲାଗି ଯୋଜନା କରୁଛି। ପିଏସ୍ଏଲ୍‌ର ଫାଇନାଲ ସହ ଆହୁରି ୮ଟି ମ୍ୟାଚ୍ ବାକି ରହିଛି। ପିସିବିର ଜଣେ ଅଫିସିଆଲ କହିଛନ୍ତି କେତେଜଣ ବିଦେଶୀ ଖେଳାଳି ଏବେ ସୁଦ୍ଧା ଦୁବାଇରେ ଥିବାବେଳେ ଅନ୍ୟ କେତେଜଣ ସ୍ୱଦେଶ ଫେରିଯାଇଛନ୍ତି।

ପିସିବିର ଜଣେ ଅଫିସିଆଲ କହିଛନ୍ତି, ଅବଶିଷ୍ଟ ମ୍ୟାଚଗୁଡ଼ିକ ଲାଗି ଫ୍ରାଞ୍ଚାଇଜଗୁଡ଼ିକୁ ସେମାନଙ୍କ ବିଦେଶୀ ଖେଳାଳିଙ୍କୁ ଫେରାଇ ଆଣିବାର ବ୍ୟବସ୍ଥା କରିବା ପାଇଁ କୁହାଯାଇଛି। ତେବେ ସେମାନଙ୍କ ଆସିବା ନିଷ୍ପତ୍ତି ସେମାନଙ୍କ ବୋର୍ଡ ଏବଂ ବ୍ୟକ୍ତିଗତ ଇଚ୍ଛା ଉପରେ ନିର୍ଭର କରେ। ପିସିବି ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ସହିତ ଯୋଗାଯୋଗରେ ରହିଛି। ସେମାନେ ଭାରତ-ପାକିସ୍ତାନ ବିବାଦର ସାଂପ୍ରତିକ ସ୍ଥିତି ଉପରେ ନଜର ରଖିଛନ୍ତି। ବାଂଲାଦେଶ ଏହାର ମ୍ୟାଚଗୁଡ଼ିକ ରାୱଲପିଣ୍ଡି, ଫୈସଲାବାଦ ଓ ଲାହୋରରେ ଖେଳିବ। ପିସିବି ପି.ଏସ୍.ଏଲ୍.ର ଅବଶିଷ୍ଟାଂଶ ରାୱଲପିଣ୍ଡି ଓ ଲାହୋରରେ ଆୟୋଜନ କରିବା ଲାଗି ଚିନ୍ତା କରୁଛି।

## ଇଗଲ କ୍ରିକେଟ କପ୍-୨୦୨୫ : ସିଡିଏ ଲାୟନ୍ସ ଚାମ୍ପିଅନ

**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ଖୋର୍ଦ୍ଧା ପୌରପରିଷଦ ଅନ୍ତର୍ଗତ ଇଗଲ କ୍ରିକେଟ କ୍ଲବ ତରଫରୁ ଆୟୋଜିତ ୨୦ତମ ଇଗଲ କ୍ରିକେଟ କପ୍-୨୦୨୫ ରବିବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ଏହି ରାତ୍ରୀକାଳୀନ ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଭାଗ ନେଇଥିବା ବେଳେ ଫାଇନାଲ ପର୍ଯ୍ୟାୟରେ ସିଡିଏ ଲାୟନ୍ସ ମ୍ୟାଜିକ ଇଲେଭେନକୁ ହରାଇ ଚାମ୍ପିଅନ ହୋଇଛି। ପ୍ରଥମେ ବ୍ୟାଟିଂ କରି ମ୍ୟାଜିକ ଇଲେଭେନ ୧୪୧ ରନ କରିଥିଲେ। ପ୍ରତ୍ୟୁତ୍ତରରେ ସିଡିଏ ଲାୟନ୍ସ ଉତ୍ତମ ମହାନ୍ତିଙ୍କ ଧୂଆଁଧାର ୧୪ ବଲ୍‌ରୁ ୫୯ ରନ ସହାୟତାରେ ଆବଶ୍ୟକ ୧୪୨ ରନ କରି ଇଗଲ କ୍ରିକେଟ କପ୍-୨୦୨୫ର ବିଜେତା ହୋଇଥିବା ବେଳେ ମ୍ୟାଜିକ ଇଲେଭେନ୍ ଉପବିଜେତା ହୋଇଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ବିଗତ ୫ ବର୍ଷ ଧରି ମ୍ୟାଜିକ୍ ଦଳ ଫାଇନାଲକୁ ଯାଉଥିବାବେଳେ ଉପବିଜେତା ଭାବେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଏହି ଟୁର୍ଣ୍ଣାମେଣ୍ଟକୁ ଶୁଭ ଉଦ୍‌ଘାଟନ କରିଥିଲେ ଇଗଲ କ୍ଲବ୍‌ର ସର୍ବକାଳୀନ ସଭାପତି ରାଜେନ୍ଦ୍ର କୁମାର ସାହୁ, ଇଗଲ କ୍ଲବ୍‌ର ସମ୍ପାଦକ ତଥା ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃର ସଭାପତି ଅଭିଷେକ ସିଂ ସାମନ୍ତ। ଅନ୍ୟମାନଙ୍କ ମଧ୍ୟରେ କାଉନସିଲର ପ୍ରବିଣା ଜଗଦେବ ରାୟ, ମୋନାଲିସା ସିଂ, ଅମିୟ କୁମାର ମହାନ୍ତି, ନାଗଭୂଷଣ ଜେନା, ଅନିଲ ରାମ, ଉତ୍କଳ ସାମ୍ବାଦିକ ସଂଘ ଖୋର୍ଦ୍ଧା ଜିଲ୍ଲା ସଭାପତି ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ସମାଜସେବୀ ଅଜୟ କୁମାର ସାହୁ, କ୍ରିକେଟ ପୃଷ୍ଠପୋଷକ ବିରଞ୍ଚି ନାରାୟଣ ଜେନା, ଜ୍ୟୋତିରଂଜନ ସିଂ, ବ୍ରହ୍ମାନନ୍ଦ ଜେନା, ସତ୍ୟପ୍ରକାଶ ସାହୁ, ଦିଗନ୍ତ ପଟ୍ଟନାୟକ, ନୂତନ କ୍ରାନ୍ତି ପାଲ୍, ସ୍ୱାଗତ ପଟ୍ଟନାୟକ, ଦେବାଶିଷ ପଟ୍ଟନାୟକ, ଅମିତ୍ ଅମିତାଭ ମହାପାତ୍ର, ଶିବାଶିଷ ପଟ୍ଟନାୟକ, ଶିବପ୍ରସାଦ ଦେବ ପ୍ରମୁଖ ଉପସ୍ଥିତ ଥିଲେ। ବିଜେତା ଓ ଉପବିଜେତା ଦଳ ଟ୍ରଫି ସହ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ଇଗଲ କ୍ରିକେଟ କ୍ଲବ୍‌ର ଶତାଧିକ ସଭ୍ୟ ରାତିସାରା ଉଜାଗର ରହି ଏହି ଟୁର୍ଣ୍ଣାମେଣ୍ଟକୁ ସଫଳ କରିଥିବାରୁ ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଉଦ୍‌ଯାପନୀ ଉତ୍ସବରେ ସମସ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି। ସମ୍ପାଦକ ଅଭିଷେକ ସିଂ ସାମନ୍ତ ସବୁ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଖେଳକୁ ସାନୁଜ ବିଶ୍ୱାଳ, ସଂଗ୍ରାମ ସାମନ୍ତରାୟ, ସ୍ୱାଗତ ଶୁଭମ୍ ଦାସ, ଅମିତ୍ ଦାସ, ବିଶ୍ୱଜିତ୍ ଦାସ, ସୁଶାନ୍ତ ପରିଡ଼ା, ଶୁଭକାନ୍ତ ଦାସ ପ୍ରମୁଖ ପରିଚାଳନା କରିଥିଲେ। ୟୁଟ୍ୟୁବ୍ ଚ୍ୟାନେଲ ରାଇଡରରାୟ ୭ରେ ଏହି ମ୍ୟାଚ୍‌ର ସିଧା ପ୍ରସାରଣ କରାଯାଇଥିଲା।




## ୩୬ ତମ ରାଜ୍ୟ କରାଟେ ପ୍ରତିଯୋଗିତା ଆରମ୍ଭ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଭୁବନେଶ୍ୱର ସ୍ଥିତ ଉତ୍କଳ କରାଟେ ସ୍କୁଲ ଠାରେ ୩୬ତମ ରାଜ୍ୟ କ୍ୟାଡେଟ, ଜୁନିଅର ଓ ୩୭ତମ ରାଜ୍ୟ ସର୍ବକନିଷ୍ଠ କରାଟେ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇ ଯାଇଛି। ବିଭିନ୍ନ ଜିଲ୍ଲାରୁ ମୋଟ ୭୦୦ ଜଣ ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଭାଗ ନେଇଛନ୍ତି। ତିନି ଦିନ ହେବାକୁ ଥିବା ଏହି ପ୍ରତିଯୋଗିତାର ପ୍ରଥମ ଦିନରେ କ୍ୟାଡେଟ, ଜୁନିଅର ଓ ୧୩ ବର୍ଷ ବିଭାଗର ଉଭୟ ପୁରୁଷ ଓ ମହିଳା ପ୍ରତିଯୋଗିତା ଶେଷ ହୋଇଯାଇଛି।

## ମହେଶ ଦାସ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମ ପଡ଼ିଆରେ ମହେଶ ଦାସ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ଜୁନିୟର ଫୁଟବଲ କ୍ଲବ ରୁପ୍ସା ଫୁଟବଲ କ୍ଲବକୁ ଟାଇ ବ୍ରେକର ଜରିଆରେ ୬-୫ ଗୋଲରେ ପରାସ୍ତ କରିଥିଲା। ଖେଳର ନିର୍ଦ୍ଧିଷ୍ଟ ସମୟ ଭିତରେ ଉଭୟ ଦଳ ୨ଟି ଲେଖାଏଁ ଗୋଲ କରିଥିଲେ। ଜୁନିୟର କ୍ଲବର ପଣ୍ଡା ଓ ସିଦ୍ଧୁ ଗୋଟିଏ ଲେଖାଏଁ ଏବଂ ରୁପ୍ସାର ହରିଶ ଓ ଲକ୍ଷ୍ମଣ ଗୋଟିଏ ଲେଖାଏଁ ଗୋଲ କରିଥିଲେ। ଓ ଦ୍ୱିତୀୟ ମ୍ୟାଚ୍‌ରେ ଭେଟେରାନ ଫୁଟବଲ କ୍ଲବ ଜିତୁ ଫୁଟବଲ କ୍ଲବକୁ ଟାଇବ୍ରେକର ଜରିଆରେ ୪-୩ ଗୋଲରେ ପରାସ୍ତ କରିଥିଲା। ଶୈକତ ଗିରି, ଅମିତ ମାଇତି, ଚନ୍ଦନା ଘୋଷ ଓ ସୁଭଦ୍ରା ହେମ୍ବ୍ରମ ଖେଳ ପରିଚାଳନା କରିଥିବା ବେଳେ ମନୋଜ ପାତ୍ର ଧାରାବିବରଣୀ ପ୍ରଦାନ କରିଥିଲେ। ଫାଓ ଉପ ସଭାପତି ଅସିତ ପତି, ପୂର୍ବତନ କ୍ରୀଡ଼ା ଅଧିକାରୀ ପ୍ରଦୀପ କୁମାର ବେହେରା, ପୂର୍ବତନ କୋଚ କୁମାର ରଞ୍ଜନ ପଣ୍ଡା, ବିଶିଷ୍ଟ ଫୁଟବଲ ଖେଳାଳି ପ୍ରଦୀପ କିଶୋର ମହାନ୍ତି, ଯଦୁନାଥ ମାଝୀ, କୈଳାସ ବେହେରା, ମୟୂରଭଞ୍ଜ ଆଥ୍‌ଲେଟିକ ଆସୋସିଏସନର ଫୁଟବଲ ସମ୍ପାଦକ ଅମର କୁମାର ସେଠି ଓ ବିଜୟ କୁମାର ଦାସ (ମଣ୍ଟୁ ଦା) ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆୟୋଜକ ଲୋହିତ ଦାଶ, ବିନୋଦ ରାମ, ରବୀନ୍ଦ୍ର ନାୟକ, ନୁରୁଲ ଇସଲାମ, ସୁକେନ୍ଦୁ ଦାସ ଓ ରବୀନ୍ଦ୍ର ନାୟକ ଉପସ୍ଥିତ ଥିଲେ।



## ଆସନ୍ତା ୨୬ରୁ ସୋନପୁର ପ୍ରିମିୟର ଲିଗ୍ ଟି-୨୦ କ୍ରିକେଟ ମ୍ୟାଚ୍



**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୋନପୁର ପ୍ରିମିୟର ଲିଗ୍ ଟି-୨୦ କ୍ରିକେଟ୍‌ର ୩ ୟ ସଂସ୍କରଣ ଚଳିତ ମାସ ମେ ୨୬ ତାରିଖରୁ ଜୁନ ୧ ତାରିଖ ପର୍ଯ୍ୟନ୍ତ ସୋନପୁର ଗାନ୍ଧୀ ପଡ଼ିଆ ଠାରେ ଅନୁଷ୍ଠିତ ହେବ। ଜିଲ୍ଲା କ୍ରିକେଟ ସଂଘ ପକ୍ଷରୁ ଆୟୋଜିତ ଏହି ଲିଗ୍ ପାଇଁ ସୋମବାର କ୍ରିକେଟ ସଂଘ ଅଫିସ୍‌ରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କ୍ରିକେଟ ସଂଘର ସଭାପତି ରାମଶଙ୍କର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସଂପାଦକ ପ୍ରଦୀପ ସେଠୀ, ସୋନପୁର ପ୍ରିମିୟର ଲିଗ୍ କମିଟିର ଅଧ୍ୟକ୍ଷ ବି. ସତ୍ୟ ନାରାୟଣ ରାଓ, ସଂପାଦକ ନବ ପ୍ରକାଶ ମିଶ୍ର, କୋଷାଧ୍ୟକ୍ଷ ବି. ପୁରୁଷୋତ୍ତମ ପାତ୍ରଙ୍କ ସହିତ ଜିଲ୍ଲା କ୍ରିକେଟ ସଂଘର ସମସ୍ତ ସଭ୍ୟ ଓ ସମସ୍ତ ଟିମ୍‌ର ପ୍ରାୟୋଜକମାନେ ଏଠାରେ ଉପସ୍ଥିତ ରହି ଟର୍ଣ୍ଣାମେଣ୍ଟର ସଫଳତା ଲାଗି ବିଭିନ୍ନ ମତାମତ ରଖିଥିଲେ। ସକାଳ ୮ରୁ ୧୧ ଓ ଅପରାହ୍ଣ ୪ ଟା ରୁ ୬ ଦୁଇଟି ଲେଖାଏଁ ମ୍ୟାଚ୍ ଖେଳାଯିବ। ଜୁନ୍ ୧ ତାରିଖରେ ଫାଇନାଲ ମ୍ୟାଚ୍ ଖେଳାଯିବ ବୋଲି କମିଟି ପକ୍ଷରୁ ସଚନା ମିଳିଛି।

## ବରଗଡ଼ରେ ସରକାରୀ ମେଡିକାଲ କଲେଜ ପାଇଁ ଦାବି ଜଣାଇଲା ବରଗଡ଼ ନାଗରିକ ମଞ୍ଚ

**ବରଗଡ୍, ନ୍ୟୁଜ୍‌ବ୍ୟୁରୋ**

ବରଗଡ଼ ଜିଲ୍ଲାର ସ୍ୱାସ୍ଥ୍ୟ ସେବାକୁ ସୁଦୃଢ କରିବା ପାଇଁ ବରଗଡ଼ ନାଗରିକ ମଞ୍ଚ ତରଫରୁ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ ମୁକେଶ ମହାଲିଙ୍ଗଙ୍କୁ ଗୋଟିଏ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ମୁଖ୍ୟତଃ ବରଗଡ଼ରେ ଗୋଟିଏ ମେଡିକାଲ କଲେଜ ଖୋଲିବାକୁ ରାଜ୍ୟ ସରକାରଙ୍କ ପାଖରେ ଦାବି କରିଛନ୍ତି। ସେହିପରି ସହରର ପୁରାତନ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ପୂର୍ବତନ ସରକାର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଘୋଷଣା କରିଥିଲେ। କିନ୍ତୁ ଆବଶ୍ୟକ ଡାକ୍ତର, ଷ୍ଟାଫ, ପରୀକ୍ଷା ଯନ୍ତ୍ରପାତିର ବ୍ୟବସ୍ଥା ନଥିବା କାରଣରୁ ରୋଗୀମାନେ ବହୁତ ହଇରାଣ ହେଉଛନ୍ତି। ତେଣୁ ଏହାର ସୁବ୍ୟବସ୍ଥା କରିବା ସହ ସହର ମଧ୍ୟରେ ଥିବା କାରାଗାରକୁ ବାହାରକୁ ସ୍ଥାନାନ୍ତର କରି ସେହି ଜାଗାରେ ୩୦୦ ଶଯ୍ୟା ବିଶିଷ୍ଟ ଏଫଆରୟୁ କିମ୍ବା ସିଟି ହସ୍ପିଟାଲ ଘୋଷଣା କରିବାକୁ ଦାବି ହୋଇଛି। ସେହିପରି ବରଗଡ଼ ଜିଲ୍ଲାର ଖେଦାପାଲି ସ୍ଥିତ ମୁଖ୍ୟ ଡାକ୍ତରଖାନାରେ ଆବଶ୍ୟକୀୟ ଡାକ୍ତର, ନର୍ସ, ଷ୍ଟାଫ, ପରୀକ୍ଷା, ଔଷଧ ଇତ୍ୟାଦି ଯୋଗାଇ ଦେବା ପାଇଁ ବରଗଡ ନାଗରିକ ମଞ୍ଚ ଦାବି କରିଛି। ସଂଗଠନର ସଭାପତି ଆଇନଜୀବୀ ଭୀଷ୍ମଦେବ ସରାଫ, ଭବାନୀ ସାହୁ, ଶୟନ ପଣ୍ଡା, ଟିଙ୍କୁ ନନ୍ଦ, ନିତ୍ୟାନନ୍ଦ ବାଗ, ସୁରଥ ସାହୁ, ସତ୍ୟ ନାରାୟଣ ମେହେର, ସୁଶାନ୍ତ ସାହୁ, ଜୀବନ ଲାଲ ଚୌଧୁରୀ, ସୁଦାମ ସାହୁ, ଟଙ୍କ ଧର ଭେସ୍ରା, ସୁଧୀର ବରିହା, ଜିଭି ରାଓ ଓ ଅନ୍ୟମାନେ ଉପସ୍ଥିତ ଥିଲେ।



## ଆନେକ୍ସ କପ୍ ଫାଇନାଲରେ ରାଇଜିଂ ଷ୍ଟୁଡେଣ୍ଟ୍ କ୍ଲବ କଟକ

**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ଜଗତସିଂହପୁର ସ୍ୱାମୀ ବିବେକାନନ୍ଦ ସ୍ୱୟଂ ଶାସିତ ମହାବିଦ୍ୟାଳୟ କଲେଜ ପଡ଼ିଆରେ ଅନୁଷ୍ଠିତ ହେଉଥିବା ୧୮ତମ ଆନେକ୍ସ କପ୍ ସୋମବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ଜିତି ଫାଇନାଲରେ ପ୍ରବେଶ କରିଛି ରାଇଜିଂ ଷ୍ଟୁଡେଣ୍ଟ୍ କ୍ଲବ।

ପ୍ରଥମେ ଟସ୍ ଜିତି ରାଇଜିଂ ଷ୍ଟୁଡେଣ୍ଟ୍ କ୍ଲବ ବୋଲିଂ ପାଇଁ ନିଷ୍ପତ୍ତି ନେଇଥିଲା। ଫଳରେ ବାପୁଜୀ କ୍ରିକେଟ କ୍ଲବ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୧୮୭ ରନ କରି ୯ ୱିକେଟ୍ ହରାଇଥିଲା। ଦଳ ପକ୍ଷରୁ ସର୍ବାଧିକ ସିଦ୍ଧାନ୍ତ ଜେନା ୫୩ ରନ ଓ ରଞ୍ଜିତ ପାଇକରାୟ ୩୯ ରନ ଅର୍ଯ୍ୟଶ୍ରୀ ଭଟ୍ଟ ୨୫ ଓ ଶୁଭମ୍ ସତ୍ପଜିତ୍ ୨୧ ରନ ସଂଗ୍ରହ କରିଥିଲେ। ରାଇଜିଂ ଷ୍ଟୁଡେଣ୍ଟ ପକ୍ଷରୁ ରାମଚନ୍ଦ୍ର ବେହେରା, ଜୟନ୍ତ କୁମାର ବେହେରା ଓ ଅଭନୀତ୍ ପଟ୍ଟନାୟକ ୨ଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ।

ଏହାର ଜବାବରେ ୧୮.୪ ଓଭରରେ ୫ ୱିକେଟ୍ ହରାଇ ୧୮୯ ରନ ସଂଗ୍ରହ କରି ବିଜୟ ହାସଲ୍ କରିଥିଲା ରାଇଜିଂ ଷ୍ଟୁଡେଣ୍ଟ୍ କ୍ଲବ, କଟକ। ଦଳ ପକ୍ଷରୁ ସର୍ବାଧିକ ଆଦିତ୍ୟ ରାଉତ ୮୫, ଆୟୁଶ ଖ୍ରୀଷ୍ଟୋଫର ୨୫, ଟୁକୁନା ସାହୁ ଓ ଗୋବିନ୍ଦ ପୋଦାର ୨୨ ରନ କରିଥିଲେ। ବାପୁଜୀ କ୍ରିକେଟ କ୍ଲବ ପକ୍ଷରୁ ସର୍ବାଧିକ ମନୋଜ କୁମାର ବାରିକ ୩ଟି ୱିକେଟ ଅକ୍ତିଆର କରିଥିଲେ।

ଏହି ଖେଳର ଶ୍ରେଷ୍ଠ ଖେଳାଳି ରାଇଜିଂ ଷ୍ଟୁଡେଣ୍ଟ୍ କ୍ଲବ୍‌ର ଆଦିତ୍ୟ ରାଉତଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ରୂପେ ଘୋଷଣା କରାଯାଇଥିଲା। ଏହି ପୁରସ୍କାର ବିତରଣୀ ଉତ୍ସବରେ ସାମ୍ମାନୀତ ଅତିଥିଭାବେ ଭାବେ ସମାଜସେବୀ ପ୍ରଦୀପ୍ତ କୁମାର ମିତ୍ର, ସାମ୍ବାଦିକ ପ୍ରଦୀପ୍ତ କିଶୋର, ଚୌଧୁରୀ, ସମୀର ଲେଙ୍କା, ସାମ୍ବାଦିକ ମାନସ କାନୁନଗୋ, ଶିକ୍ଷାବିତ ବିଦ୍ଧୁ ଭୂଷଣ ତ୍ରିପାଠୀ, ପୂର୍ବତନ ପାରିଷଦ ପ୍ରଦୀପ୍ତ ସାହୁ ଯୋଗଦେଇ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଏହି ମ୍ୟାଚ୍‌କୁ ଆଶୁତୋଷ ପାଣି, ଦିଲୀପ କୁମାର ସାମଲ, ମିଲନ ଓଝା, ବାପି ବିଶୋଇ, ଆଶୁତୋଷ ବେହେରା, ପ୍ରଶାନ୍ତ ମଲ୍ଲିକ, କରନ୍ ଖାନ, ଜଗନ୍ନାଥ ବିଶୋଇ ପରିଚାଳନା କରିଥିଲେ।




## ସ୍ନେହଲତା-ଶରତ ରାଉତରାୟ ମେମୋରିଆଲ ଟ୍ରଷ୍ଟର ବିଶ୍ୱ ମାତୃ ଦିବସ ପାଳିତ



**ପୁରୀ, ନ୍ୟୁଜ୍‌ବ୍ୟୁରୋ**

'ବିଶ୍ୱର ସର୍ବଶ୍ରେଷ୍ଠ ଅମୁଲ୍ୟ ସଂପଦ ହେଉଛି ମା'! ତା'ର ତ୍ୟାଗ ଓ ସ୍ନେହ ଦେବତ୍ୱ ଠାରୁ ଆହୁରି ପବିତ୍ର' ବୋଲି ସ୍ଥାନୀୟ ସିଟି ରୋଡ୍ ସ୍ଥିତ ୟୁଥ୍ ହଷ୍ଟେଲ ପରିସରରେ ସ୍ନେହଲତା-ଶରତ ରାଉତରାୟ ମେମୋରିଆଲ ଟ୍ରଷ୍ଟ ତରଫରୁ ବିଶ୍ୱ ମାତୃ ଦିବସ ଉପଲକ୍ଷେ ଆୟୋଜିତ ସଭାରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଅନୁଷ୍ଠାନର ସଭାପତି ଲଲାଟେନ୍ଦୁ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବକୁ ବରିଷ୍ଠ ସମାଜସେବୀ ତଥା ଭୁବନେଶ୍ୱର ଡୁଡନୁ ଫାଉଣ୍ଡେସନର ଅଧ୍ୟକ୍ଷା ବନ୍ଦନା ହରିଚନ୍ଦନ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ କବୀ ସୁଚେତା ମିଶ୍ର ମୁଖ୍ୟବକ୍ତା ଓ ସି.ବି.ଆଇ.କୋଲକାତାର ପୂର୍ବତନ ଡେପୁଟି ଲିଗାଲ ଆଡ଼ଭାଇଜର ରାଜଶ୍ରୀ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଶ୍ୱ ମାତୃ ଦିବସ ପାଳନର ବୈଶିଷ୍ଟ୍ୟତା ଉପରେ ଆଲୋକ ପାତ କରିଥିଲେ। ଆକାଶବାଣୀ ପୁରୀର ଘୋଷିକା ରାଜଶ୍ରୀ ସାହୁ, ବରିଷ୍ଠ ସେବାୟତ ସାବିତ୍ରୀ ଖୁଣ୍ଟିଆ ନିଜ ନିଜ ବକ୍ତବ୍ୟରେ ରଖିଥିଲେ। ଉତ୍ସବରେ ସନ୍ତୋଷ ବାରିକ, ସଂଘମିତ୍ରା ପଟ୍ଟନାୟକ, ଜ୍ୟୋତିରେଖା ମିଶ୍ର ଆଦି ମା' ଉପରେ ଗୀତ ବୋଲିଥିଲେ। ଏହି ଦିବସ ଉପଲକ୍ଷେ କଲେଜ ସ୍ତରରେ ପିଲାମାନଙ୍କ ଦ୍ୱାରା ଆୟୋଜିତ ହୋଇଥିବା ପ୍ରବନ୍ଧ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ସିଲ୍‌ଡ଼ ଓ ସାର୍ଟିଫିକେଟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ନାଟକ 'ଡର' ସହରୀ ମଣିଷଙ୍କ ଭୟର କାହାଣୀ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଗୁରୁବାର ଭଞ୍ଜ କଳା ମଣ୍ଡପରେ 'ନବଗୁଞ୍ଜର'ର ଚତୁର୍ଥ ବାର୍ଷିକ ଉତ୍ସବରେ ମଞ୍ଚସ୍ଥ ହୋଇଛି ନାଟ୍ୟକାର ଆନନ୍ଦ ଚନ୍ଦ୍ର ପହିଙ୍କ ଲିଖିତ ଓ ଇଂ. ପ୍ରୀତିରଞ୍ଜନ ମିଶ୍ରଙ୍କ ନିର୍ଦ୍ଦେଶିତ ସାମାଜିକ ନାଟକ 'ଡର'। ଏହି ଉପଲକ୍ଷେ ଆୟୋଜିତ ସଭାରେ ନବଗୁଞ୍ଜର ସଭାପତି ଈଶ୍ୱର ଚନ୍ଦ୍ର ରଥ ଅଧ୍ୟକ୍ଷତା କରିଥିଲେ। ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ପୂର୍ବତନ ଉପ ପରିଚାଳନା ନିର୍ଦ୍ଦେଶକ ଅନୁପ କୁମାର ମହାପାତ୍ର, ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଭୁବନେଶ୍ୱର ସର୍କଲର ଚିଫ୍ ଜେନରାଲ ମ୍ୟାନେଜର ଦୀନେଶ ପ୍ରୁଥି, ସମ୍ମାନିତ ଅତିଥି ଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବର୍ଷିୟାନ କଳା ନିର୍ଦ୍ଦେଶକ ବାଞ୍ଛାନିଧି ପଟ୍ଟନାୟକଙ୍କୁ ନବଗୁଞ୍ଜର ଜୀବନ ବ୍ୟାପୀ ସାଧନା ସମ୍ମାନ ଏବଂ କଳାକାର ଏନ୍. ରାମବାବୁଙ୍କୁ ନବଗୁଞ୍ଜର ନାଟ୍ୟ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସମ୍ପାଦକ ଦୁର୍ଗା ପ୍ରସାଦ ମହାପାତ୍ର ଧନ୍ୟବାଦ ଦେଇଥିଲେ।



ନାଟକର ମୁଖ୍ୟ ଚରିତ୍ର ଭାନୁ ପ୍ରକାଶ ଜଣେ ଅବସରପ୍ରାପ୍ତ ତୃତୀୟ ଶ୍ରେଣୀ କର୍ମଚାରୀ। ଦିନେ ସକାଳେ ବଜାରରୁ ଫେରି ସେ ନିଜ ଝିଅଠୁ ଖବର ପଆନ୍ତି ଯେ କଲୋନୀର ତାଙ୍କ ଘର ପଛ ପଟରେ ପଡ଼ିଛି ଗୋଟିଏ ଶବ। ପଡ଼ୋଶୀ ଗୁମାନ ବାବୁଙ୍କ ସହିତ ପରାମର୍ଶ କରି ଭାନୁ ପ୍ରକାଶ ଶବ ଉଠାଇ ଦେବାକୁ ମୁନିସିପାଲିଟି କର୍ତ୍ତୃପକ୍ଷକୁ ଦରଖାସ୍ତଟିଏ ଲେଖନ୍ତି। ଯେତେବେଳେ ଗୁମାନ ବାବୁ ଦରଖାସ୍ତରେ କଲୋନୀର ଲୋକଙ୍କ ଠାରୁ ଦସ୍ତଖତ ଆଣିବା ପାଇଁ ଯାଆନ୍ତି, ସେତେବେଳେ ଲୋକଙ୍କ ମନରେ ଡ଼ର ପଶେ। କାଳେ ହତ୍ୟା ମାମଲାରେ ପଡ଼ିବେ। ପୁଲିସ ଥାନାକୁ ଡାକିବ ଏହି ଭୟରେ ଦସ୍ତଖତ କରିନ୍ତି ନାହିଁ। ଶବ ପଚି ଦୁର୍ଗନ୍ଧ ହେବା କାରଣରୁ ଲୋକମାନେ କବାଟ ଝରକା ବନ୍ଦ କରି ଘର ଭିତରେ ଝୁଣା, ଝୁଣା ଧୂଆଁ, ଧୂପ ଦେଇ ଚାରି ଦିନ ରହନ୍ତି। ପରେ ଜଣାପଡ଼େ ମୃତକ ଜଣକ ଭାନୁପ୍ରକାଶଙ୍କର ଶ୍ୱଶୁର। ସେ ଭାନୁପ୍ରକାଶଙ୍କ ଘରକୁ ଆସିବା ବାଟରେ ମୂର୍ଚ୍ଛା ରୋଗରେରେ ପୀଡିତ ହୋଇ ମୃତ୍ୟୁବରଣ କରିଛନ୍ତି। ଠିକ୍ ସମୟରେ ଡାକ୍ତରଖାନା ନେଇଥିଲେ ହୁଏତ ତାଙ୍କ ଜୀବନ ବଞ୍ଚିଯାଇଥାନ୍ତା। ନାଟକ 'ଡର'ରେ ସହରୀ ଜୀବନରେ ଲୋକଙ୍କ ଭୟକୁ ସୁନ୍ଦର ଭାବରେ ନାଟ୍ୟକାର ଚିତ୍ରିତ କରିଛନ୍ତି।

ବାସ୍ତବିକ 'ଡର' ଖୁବ୍ ସଂକ୍ରାମକ। ସହରୀ ମଣିଷ ମାନସିକତାରେ ଡ଼ରୁଆ ଓ ବିପଦ ବିରୁଦ୍ଧରେ ଲଢ଼ିବାକୁ ପ୍ରେରଣା ଦେବା ପରିବର୍ତ୍ତେ ସେ ସ୍ଥାନ ଛାଡ଼ି ପଳାୟନ କରିବାକୁ ଡର ମଣିଷକୁ ଉତ୍ସାହିତ କରେ। ତେଣୁ ଡର ସର୍ବଦା ବର୍ଜନୀୟ। ନାଟକରେ ଅଭିନୟ କରିଛନ୍ତି ସଂଜୀବ ଦାସ, ମିନାକ୍ଷୀ ମିଶ୍ର, ଇତିଶ୍ରୀ ଦାସ, ଅମ୍ବିକା ମିଶ୍ର, ପ୍ରଫୁଲ୍ଲ ନାୟକ, ପ୍ରଦୀପ ଗିରି, ସ୍ୱାଗତିକା ଷଡ଼ଙ୍ଗୀ, ସୁବ୍ରତ, ଯୋଗୀନ୍ଦ୍ର ମିଶ୍ର, ବାପୁଜୀ ବିଶ୍ୱାଳ, ସୁବଳ ମହାରଣା, ସନତ୍ ସାହୁ, ଅମିର ପଣ୍ଡା, ଅର୍ଚ୍ଚନା ରଥ, ଦୁର୍ଗା ମହାପାତ୍ର ଓ ଶିଶୁ କଳାକାରମାନେ। ନାଟକର ଆରମ୍ଭରେ ନୃତ୍ୟ ପ୍ରଦର୍ଶନ କରିଥିଲେ ଅମିତା, ସନ୍ଦୀପ ଓ ଇତିଶ୍ରୀ।

## ପୁଣି ଭାରତ ବିରୋଧରେ ବିଷ ଓଗାଳିଲେ ଶାହିଦ ଆଫ୍ରିଦି

**ଇସଲାମାବାଦ୍**

ଭାରତୀୟ ସେନା ଅପରେସନ ସିନ୍ଦୂର ମାଧ୍ୟମରେ ପାକିସ୍ତାନକୁ ଏକ ଶିକ୍ଷା ଦେଇଥିଲା। କିନ୍ତୁ ପାକିସ୍ତାନ ଏବେ ବି ତା'ର ପରାଜୟକୁ ହଜମ କରିପାରୁନାହିଁ। ପୁଣିଥରେ ପୂର୍ବତନ ପାକିସ୍ତାନୀ କ୍ରିକେଟର ଶାହିଦ ଆଫ୍ରିଦି ଭାରତ ବିରୋଧରେ ଗୋଟିଏ ପରେ ଗୋଟିଏ ବିଷ ଓଗାଳିବା ଆରମ୍ଭ କରିଛନ୍ତି। ପାକିସ୍ତାନ ସେନାର ପ୍ରଶଂସା କରି ସେ କହିଛନ୍ତି, ଏହା ଭାରତୀୟ ଆକ୍ରମଣର ଏକ ନିର୍ଣ୍ଣାୟକ ଜବାବ। ନୂଆଦିଲ୍ଲୀ ଇସଲାମାବାଦକୁ କମ୍ ଆକଳନ କରିଛି।

କରାଚୀର ସି ଭ୍ୟୁରେ ଆୟୋଜିତ "ୟୁମ-ଏ-ତାଶାକୁର" (କୃତଜ୍ଞତା ଦିବସ) ରାଲିରେ ଭାଷଣ ଦେଇ ଆଫ୍ରିଦି କହିଛନ୍ତି, ଭାରତୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ "ଯୁଦ୍ଧ ପ୍ରତି ଆଗ୍ରହ" ଭାରତକୁ ଏକ ସମସ୍ୟାରେ ପକାଇ ଦେଇଛି। ପ୍ରଧାନମନ୍ତ୍ରୀ ମୋଦି ଏବେ ଅନୁଭବ କରିଛନ୍ତି ଯେ ପାକିସ୍ତାନକୁ ମୁକାବିଲା କରିବା କେତେ ମହଙ୍ଗା ପଡ଼ିପାରେ। ପୂର୍ବରୁ ଶାହିଦ ଆଫ୍ରିଦିଙ୍କ ଘରର ଏକ ଭିଡିଓ ସାମ୍ନାକୁ ଆସିଥିଲା, ଯେଉଁଥିରେ ଘର ଉପରେ ପାକିସ୍ତାନର ପତାକା ଉଡୁଥିଲା। ପ୍ରବଳ ପବନ ମଧ୍ୟରେ, ଶାହିଦ ଆଫ୍ରିଦିଙ୍କୁ ତାଙ୍କ ଘରର ଉପରେ ବୁଲୁଥିବାର ଦେଖାଯାଇଥିଲା ଏବଂ ଏକ ବୋତଲରୁ କିଛି ପିଉଥିବାର ମଧ୍ୟ ଦେଖାଯାଇଥିଲା। ସେ କ୍ୟାପସନରେ ଲେଖିଛନ୍ତି, ମୋର ଆଶା, ମୋର ବିଶ୍ୱାସ, ମୋର ସାହସ, ମୋର ଶକ୍ତି ଏବଂ ମୋର ଭବିଷ୍ୟତ।

୨୨ ଏପ୍ରିଲରେ ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ନିର୍ଦ୍ଦୋଷ ଲୋକଙ୍କ ମୃତ୍ୟୁ ହୋଇଥିଲା। ଏହାର ୧୫ ଦିନ ପରେ, ଭାରତ ଅପରେଶନ ସିନ୍ଦୂର ମାଧ୍ୟମରେ ଏହାର ପ୍ରତିଶୋଧ ନେଇଥିଲା। ଭାରତୀୟ ସେନାର କାର୍ଯ୍ୟାନୁଷ୍ଠାନରେ ୯୦ ଜଣ ଆତଙ୍କବାଦୀ ନିହତ ହୋଇଥିଲେ।

